


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୮ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 September 2024

Vol.No. 35 ■ No.241 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମଣିପୁରରେ ପୁଣି ହିଂସା: ଜରୁରୀ ବୈଠକ ଡାକିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୭/୯ : ପୁଣି ଅଶାନ୍ତ ହେଉଛି ମଣିପୁର। କିଛି ଦିନର ବିରତି ପରେ ରାଜ୍ୟରେ କୁକି ଏବଂ ମତେଇ ଗୋଷ୍ଠୀ ମଧ୍ୟରେ ପୁଣି ସଂଘର୍ଷ ଆରମ୍ଭ ହୋଇଛି। ଆଜି ସକାଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୬ ଜଣଙ୍କ ମୃତ୍ୟୁ ଘଟିବା ପରେ ଜରୁରୀ ବୈଠକ ଡାକିଛନ୍ତି ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ସିଂହ ଆଜି କ୍ୟାବିନେଟ ବୈଠକ ଡକାଇଛନ୍ତି। ରାଜ୍ୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ସହ ଶାନ୍ତି



ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକ ଡକାଇଥିବା ଜଣାପଡିଛି। ପ୍ରକାଶ ଥାଉକି, ଆଜି ସକାଳେ ମଣିପୁରର ଜିରିବାମ ଜିଲ୍ଲାରେ ଗୁଳି ବିନିମୟ ହୋଇଥିଲା। କୁକି ଏବଂ ମତେଇ ଗୋଷ୍ଠୀ ପକ୍ଷରୁ ଏହି ଗୁଳିବିନିମୟ ହୋଇଥିଲା। ଏଥିରେ ପ୍ରାୟ ୬ ଜଣଙ୍କ ଜୀବନ ଗଲାଣି। ଗତକାଲି ରାତିରେ ମଧ୍ୟ କିଛି ସନ୍ଦିଗ୍ଧ ଦୁର୍ବୃତ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ମୈରେମ୍ବମ କୋଇରେଙ୍ଗଙ୍କ ଘର ଉପରକୁ ରକେଟ୍ ହମ୍ଲା କରିଥିଲେ। ଏଥିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟି ▶▶ପୃଷ୍ଠା ୭

# ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର, ୭/୯ (ନି.ପ୍ର): ରାଜଧାନୀର ମହାତ୍ମା ଗାନ୍ଧୀ ମାର୍ଗରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂହ, ମେୟର୍ ସୁଲୋଚନା ଦାସ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି। ଆଜିଠୁ ସାରା ରାଜ୍ୟରେ ବୁଲିବ ସୁଭଦ୍ରା ସଚେତନତା ରଥ। ଆଗାମୀ ୧୬ ତାରିଖ ଯାଏଏହି ରଥ ବୁଲିବ। ଯେପର୍ଯ୍ୟନ୍ତ ସମସ୍ତ ମହିଳା ଏଥିରେ ସାମିଲ ହୋଇନାହାନ୍ତି, ସେଯାଏ ଏହି ଯୋଜନା ଜାରି ରହିବ। ଗାଁ ଗାଁ ବୁଲି ସୁଭଦ୍ରା ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଇବାକୁ ଏହି ପ୍ରୟାସ ଆରମ୍ଭ କରିଛନ୍ତି ଓଡ଼ିଶା ସରକାର। ▶▶ପୃଷ୍ଠା ୭

# କଂଗ୍ରେସରେ ବିନେଶ ସାମିଲ ହେବାପରେ ବ୍ରିଜ ଭୂଷଣଙ୍କ ଚାଞ୍ଚଲ୍ୟକର ବୟାନ

ନୂଆଦିଲ୍ଲୀ, ୭/୯ : କୁସ୍ତିଯୋଦ୍ଧା ବିନେଶ ଫୋଗଟ ଗତଶୁକ୍ରବାର କଂଗ୍ରେସ ପାର୍ଟିରେ ସାମିଲ ହୋଇଯାଇଛନ୍ତି। ଏହାପରେ ଦଳ ତାଙ୍କୁ ହରିୟଣାବିଧାନସଭା ପାଇଁ ପ୍ରାର୍ଥୀ କରିଛି । ବିନେଶ କଂଗ୍ରେସରେ ସାମିଲ ହେବାପରେ ରାଜନେତାଙ୍କ ଠାରୁ ଆରମ୍ଭ କରି ସାଧାରଣଜନତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି କ୍ରମରେ ବ୍ରିଜ ଭୂଷଣ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଅଲିମ୍ପିକ୍ସରେ ଭିନେଶ ସମସ୍ତଙ୍କ ଆଖିରେ ଧୁଳି ଦେଇ ପ୍ରବେଶ କରିଥିଲେ। ଯାହାର ପରିଣାମ ବି ସେ ଖେଳ ସମୟରେ ପାଇଯାଇଛନ୍ତି। ଯାହା ସାରା ଦେଶ ଦେଖିଥିଲା। ଭଗବାନ ତାଙ୍କୁ ତାଙ୍କ କର୍ମର ଉଚିତ ▶▶ପୃଷ୍ଠା ୭

# ସ୍ୱୀକାର କଲା ପାକିସ୍ତାନ ସେନା: କାର୍ଗିଲ ଯୁଦ୍ଧରେ ଥିଲା ଆମ ହାତ


ନୂଆଦିଲ୍ଲୀ, ୭/୯ : ୧୯୯୯ କାର୍ଗିଲ ଯୁଦ୍ଧରେ ପାକିସ୍ତାନ ସେନାର ହାତ ଥିଲା ବୋଲି ପାକିସ୍ତାନର ସେନା ପ୍ରଥମ ଥର ପାଇଁ ସ୍ୱୀକାର କରିଛି। ଯେଉଁଥିରେ ପାକିସ୍ତାନକୁ ଏକ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା । ଶୁକ୍ରବାର (ସେପଟ୍ମେର ୬) ପ୍ରତିରକ୍ଷା ଦିବସ ଅବସରରେ ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର କାର୍ଗିଲରେ ପାକ୍ ସୈନିକଙ୍କ ▶▶ପୃଷ୍ଠା ୭




# ୧.୩୨ ଲକ୍ଷ ଟଙ୍କା ନେଇ ଯାଉଥିବା ବେଳେ ଏମ୍‌ଭିଆଇଙ୍କୁ ମାଡ଼ିବସିଲା ଭିଜିଲାନ୍ସ

ନୂଆପଡ଼ା, ୭/୯ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ନୂଆପଡ଼ା ମୋଟର ଭେଇକିଲ ଇନ୍ସପେକ୍ଟର (ଗଠଓ) ବିଜୟ କୁମାର ବେହୁରିଆ। ନଗଦ ୧ଲକ୍ଷ ୩୨ ହଜାର ଟଙ୍କା ନେଇ ନୂଆପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ତାଙ୍କୁ ଧରିଛି ଭିଜିଲାନ୍ସ। ଏକ ଘରୋଇ ଗାଡ଼ିରେ ବିଜୟ କୁମାର ବେହୁରିଆ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଖୋର୍ଦ୍ଧାର ହସ୍‌ପିଟାଲ ଛକରେ ତାଙ୍କୁ ଭିଜିଲାନ୍ସର ଏକ ଟିମ୍ ଅଟକାଇ ଥିଲା। ଗାଡ଼ି ଯାଞ୍ଚ ବେଳେ ସେଥିରୁ ନଗଦ ୧ ଲକ୍ଷ ୩୨ ହଜାର ଟଙ୍କା ମିଳିଥିଲା। ସେ ଏହି ଟଙ୍କା କେଉଁଠାରୁ ଆଣିଲେ ଓ କେଉଁ ଉଦ୍ଦେଶ୍ୟରେ ନେଇ ଯାଉଛନ୍ତି ବୋଲି ଭିଜିଲାନ୍ସ ଅଧିକାରୀମାନେ ▶▶ପୃଷ୍ଠା ୭



# ସ୍ୱଚ୍ଛତା ସହ ସଠିକ୍ ଖାଦ୍ୟ ଗ୍ରହଣ ଦୂର କରିବ ରକ୍ତହୀନତା: ପଡିଆରେ ପୋଷଣ ମାସ ପାଳିତ

ମାଲକାନଗିରି, ୭/୯ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ପୋଷଣ ମାସ ପାଳିତ ହୋଇଯାଇଛି । ଏହି ଅବସରରେ ପଡିଆ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ପଡିଆ ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ପୋଷଣ ମାସ ପାଳନର ଆବଶ୍ୟକତା ଓ ଏହାର ଆଭିମୁଖ୍ୟ ବାବଦରେ ଆଲୋଚନା କରାଯଇଥିଲା । ଏହି ଅବସରରେ ପ୍ରଥମେ ଏକ ସାଧାରଣ ରାଲି କରାଯାଇ ପଡିଆ ଓ ଆଖପାଖ ଅଂଚଳରେ ଲୋକଙ୍କୁ ପୋଷଣ ମାସ ପାଳନ ନେଇ ସଚେତନ କରାଯାଇଥିଲା । ଏହାପରେ ବୈଠକ ଜରିଆରେ ଉପସ୍ଥିତ ଅଙ୍ଗନବାଡି କର୍ମୀ, ଆଶା କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଡିଆ ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ରିନା ରାଣୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଗର୍ଭବତୀ, ପ୍ରସୂତି ମା, କିଶୋରୀ ବାଳିକାମାନଙ୍କୁ ରକ୍ତହୀନତା, କୁପୋଷଣର ଚିହ୍ନଟକରଣ ଓ ଦୂରୀକରଣ ନେଇ ଆଲୋଚନା କରିଥିଲେ । ଏଥିସହ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ବିଭିନ୍ନ ପ୍ରକାର ପନିପରିବା, ଶାଗ,ଡାଲି, କ୍ଷୁଦ୍ର ଶଷ୍ୟ ଓ ଏଥିରେ ନିର୍ମିତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ନିଲିଗୁଡା ପଂଚାୟତ ସୁପରଭାଇଜର ରମ୍ଭା ଖରା, ଶିମିଳିବାଞ୍ଚା ସୁପରଭାଇଜର ମେରୀ ଲିଆମା ଜନ୍, ଆଇଜିଡି ଜିଲ୍ଲା ସଂଯୋଜକ ପ୍ରଶାନ୍ତ ସାହୁ, ପଡିଆ ବ୍ଲକ ପୋଷଣ ସଂଯୋଜକ ଚୀନାମ ଅଲ୍ଲୀ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ରାଜେଶ ସର୍ଦାର ଓ ମମତା ପ୍ରୋଗ୍ରାମ ସହଯୋଗୀ ସଞ୍ଜୀତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଆଇଜିଡି ଏନଜିଓ କର୍ମୀ ଝିଲି ସିଲ୍, ଗୋବିନ୍ଦ ସର୍ଦାର, ନୟାମୀ ଖରା ଓ ପୂଜା ଚକ୍ରବର୍ତୀ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଡିଆ ସମନ୍ୱିତ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଆଠଟି ପଂଚାୟତର ଶତାଧିକ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।

# ୧୭୫ ଓ ୧୭୬ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର, ୭/୯ (ନି.ପ୍ର): ଆଜି ୧୭୫ ଓ ୧୭୬ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ବ୍ୟାଙ୍କଗୁଡିକର ଭଲ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବାର୍ଷିକ କ୍ରେଡିଟ୍ ପ୍ଲାନ୍ (ଇଉଚ) ଟାର୍ଗେଟ୍ ବିପକ୍ଷରେ ୧୬୦୨୮୦ କୋଟି ଥିବା ବେଳେ, ବ୍ୟାଙ୍କଗୁଡିକ ୧୬୫୬୨୧ କୋଟି ହାସଲ କରିଛନ୍ତି ଯାହା ୧୦୩.୩୩ ପ୍ରତିଶତ ଅଟେ । ଏବଂ ଚଳିତ ଆର୍ଥିକ ବର୍ଷ ପାଇଁ ୨୧୦୫୪୬ କୋଟି ଟଙ୍କା ବାର୍ଷିକ କ୍ରେଡିଟ ପ୍ଲାନ ଲକ୍ଷ୍ୟ ହାସଲ କରିବାକୁ ସେ ବ୍ୟାଙ୍କଗୁଡିକୁ ଅନୁରୋଧ କରିଛନ୍ତି । ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେଉଥିବା ପରିପ୍ରେକ୍ଷୀରେ ଏହା ପୂର୍ବରୁ ଓଡ଼ିଶାକୁ ଏକ ଅଗ୍ରଣୀ ଆର୍ଥିକ ଶକ୍ତିରେ ପରିଣତ କରିବା ଲକ୍ଷ୍ୟ ନେଇ ସରକାର ଅନେକ ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରଣୟନ କରୁଛନ୍ତି । ଏଗୁଡ଼ିକର ସଫଳ ରୂପାୟନ ସହ ରାଜ୍ୟକୁ ସମୃଦ୍ଧ କରିବା ଦିଗରେ ବ୍ୟାଙ୍କମାନେ ଅର୍ଥପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ଶ୍ରୀମତୀ ଗର୍ଗ କହିଥିଲେ । ପ୍ରମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ସମସ୍ତ ବ୍ୟାଙ୍କକୁ ସରକାରୀ ପ୍ରାୟୋଜିତ ଯୋଜନାକୁ ଗୁରୁତ୍ୱ ଦେବା ଏବଂ ଅଧିକରୁ ଅଧିକ ଆବେଦନକୁ ମଞ୍ଜୁର କରିବାକୁ ପରାମର୍ଶ ଦେଇଛନ୍ତି ।

ବୈଠକରେ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନିବୃତ୍ତି କାମ୍ବଲେ, ମହାପ୍ରବନ୍ଧକ ଗୌତମ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଓ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କର ପ୍ରତିନିଧି ଯୋଗଦେଇଥିଲେ ।

# ଉଠାଜଳସେଚନ ପ୍ରକଳ୍ପ ଥାଇବି କାମରେ ଲାଗୁନି: ୧୫ ଏକର ଚାଷ ଜମି ଫାଟିଲାଣି

ଧାମନଗର, ୭/୯ (ନି.ପ୍ର): ସରକାର କୃଷି ଓ କୃଷକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଚାଷୀ ଉନ୍ନତ ଧରଣର ଚାଷ କରିବା ପାଇଁ ସେମାନଙ୍କୁ ଜଳସେଚନ ସୁବିଧା କରାଇବା ପାଇଁ ଉଠା ଜଳସେଚନ ବ୍ୟବସ୍ଥା କରାଉଥିଲେ ବି ଅଧିକାଂଶ ସ୍ଥାନରେ ଏହି ସୁବିଧା କେବଳ କାଗଜ କଲମରେ ଚାଲିଛି । । ପ୍ରକାଶ ଥାଉକି ଧାମନଗର ବ୍ଲକରେ ପ୍ରାୟ ୩ ଶହ ଉଠାଜଳସେଚନ ପମ୍ପ ରହିଥିବା ବେଳେ କେତେକ ସ୍ଥାନରେ ପୁରୁଣା ପମ୍ପ ଅଚଳ ହୋଇଥିବା ବେଳେ କେତେକ ସ୍ଥାନରେ ନୂଆ ପମ୍ପ ନିର୍ମାଣ ହୋଇ ଥିଲେବି ତାହା । ଅଚଳ ହୋଇ ଥିବାରୁ ଚାଷୀଙ୍କ କୌଣସି ଲାଭ ହେଉନାହିଁ । ନଦୀ ପୋଖରୀର ଜଳ ଶୁଖି ଗଲାପରେ ଚାଷୀମାନେ ସେମାନଙ୍କ ଚାଷକାମ ପାଇଁ ଉଠା ଜଳସେଚନ ଉପରେ ନିର୍ଭର କରୁଥିବା ବେଳେ ଅଚଳ ପମ୍ପ ହାଉସ୍ ଯୋଗୁଁ ଚାଷୀମାନେ ଚିନ୍ତା ରେ ପଡିଛନ୍ତି । ସୁଚନା ଥାଉକି ଧାମନଗର ବ୍ଲକ ର ସୋହଡା ପଂଚାୟତ ର ପିତେଇପୁର ଠାରେ ଥିବା ଗୋଷ୍ଠି ଉଠା ଜଳସେଚନ ପ୍ରକଳ୍ପ ନିକଟରେ ୧୮ ଲକ୍ଷ ୪୪ ହଜାର ଟଙ୍କା ବେୟ ରେ କାର୍ଯ୍ୟ କରାଯାଇ ଥିବା ବେଳେ ତାହା ଏବେ ଅଚଳ ହୋଇପଡିଛି । ଉକ୍ତ ଲିଫ୍ଟ କାର୍ଯ୍ୟ ସରିବା ପରେ ପିତେଇପୁର ଓ ପାଖ ଅଞ୍ଚଳ ର ଚାଷୀ ମାନେ ପାଖା ପାଖି ୧୫ ଏକର ଚାଷ ଜମିରେ ଚାଷ କରିଥିଲେ ବର୍ଷା ଅଭାବରୁ ଚାଷଜମି ଫାଟି ଗଲାଣି । ଲିଫ୍ଟ କୁ ପାଣି ପଂଚାୟତ ପକ୍ଷରୁ ଚଳାଇବା ବେଳେ ପାଣି ବାହାରି ନଥିଲା ।ଫଳରେ ଚାଷୀ ଙ୍କ ମୁଣ୍ଡରେ ଚିନ୍ତା ବଢ଼ି ଯାଇଛି ।

# ସୁଭଦ୍ରା ଯୋଜନା ବାବଦରେ କନ୍ଧମାଳ ଜିଲ୍ଲାପାଳଙ୍କ ସଚେତନତା ବାର୍ତ୍ତା

କନ୍ଧମାଳ, ୭/୯ (ନି.ପ୍ର): ସମସ୍ତ କନ୍ଧମାଳବାସୀଙ୍କୁ ମୋର ନମସ୍କାର । ଆପଣମାନେ ଜାଣିଥିବେ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଯେଉଁ ଫର୍ମ ଆସିଛି ସେଗୁଡ଼ିକୁ ଅଙ୍ଗନୱାଡ଼ି କର୍ମୀ ମାଧ୍ୟମରେ ମା'ମାନଙ୍କୁ ଦିଆଯାଉଛି । ୨୧ ବର୍ଷ କିମ୍ବା ଅଧିକ ଏବଂ ୬୦ ବର୍ଷରୁ କମ୍ ଯେଉଁ ମହିଳାମାନେ ଅଛନ୍ତି ସେମାନେ ସେଥିପାଇଁ ଯୋଗ୍ୟ ଅଟନ୍ତି । ତେବେ ଆଉ କେତେଗୁଡ଼ିଏ ଅଯୋଗ୍ୟ ମାନଦଣ୍ଡ ମଧ୍ୟ ଏହି ଯୋଜନାରେ ରହିଛି । ତେଣୁ, ଆପଣମାନେ କିଭଳି ସୁରୁଖୁରୁରେ ଫର୍ମ ଭରିକି ତା'କୁ ଦାଖଲ କରିବେ ଏବଂ ତା'କୁ ଡିଜିଟାଇଜେସନ କରିପାରିବେ ସେଥିପାଇଁ ଆମେ ଜିଲ୍ଲାର ନେଟ୍ୱାର୍କ ଥିବା ବିଭିନ୍ନ ପଏଂଟରେ ସମୁଦାୟ ୧୬୧ ଗୋଟି ସିଙ୍ଗିଲ୍ ୱିଣ୍ଡୋ କାଉଂଟର କରାଯାଇଛି । ଗ୍ରାମ ପଞ୍ଚାୟତ ସଦର ମହକୁମା କିମ୍ବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରେ ଏହିସବୁ ସିଙ୍ଗିଲ୍ ୱିଣ୍ଡୋ କାଉଂଟର କରାଯାଇଛି । ତା'ର ଲିଷ୍ଟ ମଧ୍ୟ ଏଥିସହିତ ସଂଲଗ୍ନ କରାଯାଇଛି । ତା' ଛଡ଼ା ଯେଉଁ ଯେଉଁ ଗ୍ରାମଗୁଡ଼ିକ ଏହି ସିଙ୍ଗିଲ୍ ୱିଣ୍ଡୋ କାଉଣ୍ଟର ସହିତ ସଂଯୋଗ କରାଯାଇଛି ସେହି ସେହି ଗ୍ରାମର ମା'ମାନେ ତାରିଖ ଅନୁଶାରେ ସେଠାକୁ ଆସିବେ । ଯେଉଁ ଫର୍ମ ଆପଣମାନଙ୍କୁ ଦିଆଯାଇଛି ତା'କୁ ପୂରଣ କରି ସାଙ୍ଗରେ ଆଣିଥିବେ । ଯଦି ବା କରି ନଥିବେ ସେହି ସିଙ୍ଗିଲ୍ ୱିଣ୍ଡୋ କାଉଂଟରରେ ଥିବା ସ୍ୱେଚ୍ଛାସେବୀମାନେ ଫର୍ମ ପୂରଣ କରିବାରେ ସହାୟତା କରିବେ । ସେଠାରେ ଥିବା ମୋ ସେବା କେନ୍ଦ୍ର ବା କମନ୍ ସର୍ଭିସ୍ ସେଂଟରର ଅଧିକାରୀମାନେ ତାଙ୍କର ସିଷ୍ଟମରେ ଆପଣଙ୍କ ଫର୍ମକୁ ଡିଜିଟାଇଜେସନ କରିଦେବେ । ତେଣୁ, ସେଠାକୁ ଆସିଲେ ଆପଣଙ୍କର ଫର୍ମ ପୂରଣ ସହିତ ଡିଜିଟାଇଜେସନ ମଧ୍ୟ ହୋଇପାରିବ । ତା' ଛଡ଼ା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବାକୁ ଚାହିଁବି ଯେ, ଆମର ମୋବାଇଲ୍‌ରେ ଓଟିପି ଆସିବା ପାଇଁ ମୋବାଇଲ୍ ସହିତ ଆଧାର ଲିଙ୍କ୍ ସମ୍ପୂର୍ଣ୍ଣ ବାଧ୍ୟତାମୂଳକ ନୁହେଁ । ଯଦି ଆପଣଙ୍କ ମୋବାଇଲ୍ ସହିତ ଆଧାର ଲିଙ୍କ୍ ହୋଇନାହିଁ ତଥାପି ବି ଆପଣମାନେ ସେହି ସିଙ୍ଗିଲ୍ ୱିଣ୍ଡୋ କାଉଂଟରରେ ଆପଣଙ୍କ ମୁହଁ ବା ଟିପର ବାୟୋମେଟ୍ରିକ ସ୍କାନ କରିକି ଆବେଦନ କରିପାରିବେ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବାକୁ ଚାହିଁବି ଯେ, ଚଳିତ ମାସ ୧୭ ତାରିଖ ଆବେଦନର ଶେଷ ତାରିଖ ନୁହେଁ । ଆପଣମାନେ ଆସନ୍ତୁ ଆପଣଙ୍କ ଗ୍ରାମକୁ ସଂଯୁକ୍ତ କରାଯାଇଥିବା ସିଙ୍ଗିଲ୍ ୱିଣ୍ଡୋ କାଉଣ୍ଟରରେ ଆବେଦନ କରେଇନିଅନ୍ତୁ । ଯଦିବା କେହି କୋଣସି ଡକ୍ୟୁମେଣ୍ଟ ନଥିବା ହେତୁ ରହିଯିବେ ତେବେ ୧୭ ତାରିଖ ପରେ ମଧ୍ୟ ତାଙ୍କ ଆବେଦନ ଗ୍ରହଣ କରାଯିବ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ । ତେଣୁ, ମୁଁ ଆଶା କରୁଛି ଆପଣମାନେ ଯେଉଁ ଫର୍ମ ପାଇଛନ୍ତି ତା'କୁ ଧରିକି ଆପଣଙ୍କ ଗ୍ରାମ ପାଖାପାଖି ସିଙ୍ଗିଲ୍ ୱିଣ୍ଡୋ କାଉଣ୍ଟରକୁ ଆସିବେ । ତା'ର ଲିଷ୍ଟ ଏଥିସହିତ ପ୍ରଦାନ କରିବା ସହିତ ମିଡିଆ ଭାଇମାନଙ୍କ ଅବଗତି ନିମନ୍ତେ ମଧ୍ୟ ପ୍ରଦାନ କରୁଛି । ତେବେ, ଆସନ୍ତୁ ଏବଂ ସୁଭଦ୍ରା ଯୋଜନାର ସଫଳ ପାଆନ୍ତୁ ।

# ପୁର୍ନବାସ ପକ୍ଷରୁ ମେରୁଦଣ୍ଡ ଆଘାତ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୭/୯ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁର୍ନବାସ ପକ୍ଷରୁ ମେରୁଦଣ୍ଡ ଆଘାତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୨୧ ପ୍ରକାର ଭିନ୍ନକ୍ଷମତା ମଧ୍ୟରୁ ଚଳନଶକ୍ତି ବାଧିତ ଭିନ୍ନକ୍ଷମ ବର୍ଗରେ ଗଣିତ ହେଉଥିବା ମେରୁଦଣ୍ଡ ଆଘାତ ଭିନ୍ନକ୍ଷମ ମାନେ ସବୁଠାରୁ ଅଧିକ ଦୁର୍ବିସହ ଜୀବନ ଅତିବାହିତ କରିଥାନ୍ତି । ପରିସଂଖ୍ୟନରୁ ଜଣାଯାଏ ସାରା ପୃଥିବୀରେ ଯେତେ ମେରୁଦଣ୍ଡ ଆଘାତ ଭିନ୍ନକ୍ଷମତାର ଘଟଣା ଘଟୁଛି, ସେଥିମଧ୍ୟରୁ କେବଳ ଶତକଡା ୫୦ ଭାଗ ସଡକ ଦୁର୍ଘଟଣାରୁ ଓ ବାକି ଅଧିକାଂଶ ଉଚ୍ଚ ସ୍ଥାନରୁ ଖସି ପଡିବା ଓ ଅନ୍ୟାନ୍ୟ ରୋଗ କାରଣରୁ ହୋଇଥାଏ । ବିଶ୍ୱ ମେରୁଦଣ୍ଡ ଆଘାତ ସଚେତନତା ଦିବସ ଅବସରରେ କିଭଳି ଭାବରେ ଏହିପରି ଗୁରୁତର ଭିନ୍ନକ୍ଷମତାକୁ ପ୍ରତିହତ କରାଯାଇ ପାରିବ ସେହି ଉଦ୍ଦେଶ୍ୟରେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏହି କର୍ମଶାଳାଟି ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ବରିଷ୍ଠ ଶଲ୍ୟ ଚିକିତ୍ସକ ଡ଼ଃ ବିରେନ୍ଦ୍ର କୁମାର ଦାସ, ପ୍ରାକ୍ତନ ପ୍ରାକୃତିକ ଥେରାପି ଓ ଯୋଗର ସହକାରୀ ପ୍ରଫେସର ଡ଼ଃ ମୋନାଲୀ ମଧୁସ୍ମିତା, ଫିଜିଓଥେରାପିଷ୍ଟ ରଚିତା ଜେନା ଓ ପ୍ରମୁଖ ସ୍ୱତନ୍ତ୍ର ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶନୀ ପ୍ରମୁଖ ଯୋଗ ଦେଇ ମେରୁଦଣ୍ଡ ଆଘାତ ଓ ଚିକିତ୍ସା ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାରେ ମେରୁଦଣ୍ଡରେ ଆଘାତ ଥିବା ଭିନ୍ନକ୍ଷମମାନଙ୍କୁ ପୁନର୍ବାସ ପକ୍ଷରୁ ୬ ମାସ ନିମନ୍ତେ ଆବଶ୍ୟକୀୟ ଉପକରଣ କିଟ୍ ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାରେ ବଂଶୀଧର ମହାନ୍ତି, ଜ୍ୟୋତି ରଞ୍ଜନ ନାୟକ, ମହମ୍ମଦ ଜାହିଦ ଖାନ, ଗୌତମ ସାହୁ, ସଂଜୀବ କୁମାର ଜେନା, ସ୍ୱପ୍ନାଂଶୁ କୁମାର ଦାସ, ଗୁଞ୍ଜସ୍ମିତା ବେହେରାଙ୍କ ସହ ବହୁ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

# ବିଦେଶୀ ମଦ ଜବତ: ଯୁବ ବ୍ୟବସାୟୀ ଗିରଫ

ଧର୍ମଶାଳା, ୭/୯ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଂଚଳରେ ବ୍ୟାପକ ଚୋରା ମଦ କାରବାର ବୃଦ୍ଧି ପାଇଛି । ଏନେଇ ପୂର୍ବରୁ ଥାନାରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ବନ୍ଧଡିହ ପଂଚାୟତରେ ଖୁଲମଖୁଲା ମଦ ବ୍ୟବସାୟ ହୋଇ ଆସୁଥିଲା । ଆଜି ବ୍ରହ୍ମବରଦା ପୋଲିସ ପାଟ୍ରୋଲିଂ ସମୟରେ ବନ୍ଧଡିହ ପଂଚାୟତ ସାହାପଡା ଗ୍ରାମର ରାମଚନ୍ଦ୍ର ଦଳାଇଙ୍କ ଘରେ ଚଢାଉ କରିଥିଲା । ଘର ଭିତରେ ୭ଲିଟର ୫ଶହ ଗ୍ରାମ ବିଦେଶୀ ମଦକୁ ଜବତ କରିଥିଲା । ଏହି ଚୋରା ମଦ କାରବାରରେ ସମ୍ପୃକ୍ତ ଥିବା ରାମଚନ୍ଦ୍ରଙ୍କ ପୁଅ ଶଙ୍କର୍ଷଣ(୩୨)ଙ୍କୁ ପୋଲିସ ଗିରଫ କରିଥିଲା । କେସ୍ ନଂ ୧୬୪।୨୪ରେ ଏକ ମାମଲା ରୁଜୁ କରି ଶଙ୍କର୍ଷଣକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଏସ୍ଆଇ ଲକ୍ଷ୍ମୀଧର ରାଜ ସୂଚନା ଦେଇଛନ୍ତି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୭/୯ (ନି.ପ୍ର): କେନ୍ଦ୍ରାପଡା ତୁଳସୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ସଂସ୍ଥା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସର ମିଳିତ ଆନୁକୁଲ୍ୟରେ "ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍‌ଅର୍ଡର୍ : ଭାରିଅସ୍ ଫ୍ୟାକ୍ଟସ୍ ଅଫ୍ ଚ୍ୟାଲେଞ୍ଜସ୍" ଏକ ସଚେତନତା କାର୍ଯ୍ୟକ୍ରମ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଯୁବ ରେଡ୍‌କ୍ରସ୍ ସଂସ୍ଥାର ମୁଖ୍ୟ ସଂଯୋଜିକା ଡ଼ ସୁଜାତା ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶାରିରୀକ ଏବଂ ବୌଦ୍ଧିକ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କର ଥଇଥାନକରଣ, ସେମାନଙ୍କ ଅଧିକାର ସହ ସେମାନଙ୍କୁ ସଶକ୍ତ କରାଇବା ଡ଼ ବିରଜା ରାଉତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ପୁର୍ନବାସର ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ବୋଲି ଅଭିବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ପ୍ରଫେସର୍ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି ସୁସ୍ଥ ସମାଜ ଗଠନରେ ଛାତ୍ରୀମାନଙ୍କର ଭୂମିକା ବିଷୟରେ ସଚେତନ କରାଇଥିଲେ । ପୁନର୍ବାସର ଅକୁପେସ୍‌ନାଲ୍ ଥେରାପିଷ୍ଟ୍ ଗୁଞ୍ଜନସ୍ମିତା ବେହେରା ଅଟିଜିମ୍‌ର ଲକ୍ଷଣ ଓ ନିୟନ୍ତ୍ରଣ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମାଜସେବୀ ତଥା ଅଟିଜିମ୍‌ର ପରାମର୍ଶ ଦାତା ସଞ୍ଜୀବ କୁମାର ଜେନା ଏହି ରୋଗରେ ପ୍ରପୀଡିତ ରୋଗୀ ମାନଙ୍କର ପିତା ମାତାଙ୍କର କର୍ତବ୍ୟ, ସମାଜର ଭୂମିକା ବିଷୟରେ ସଚେତନ କରିଥିଲେ । ଯୁବ ରେଡ୍‌କ୍ରସ୍‌ର ସହ ସଂଯୋଜକ ଅଧ୍ୟାପକ ରଞ୍ଜିତ୍ ଦାସ ଏବଂ କାର୍ଯ୍ୟକ୍ରମ ସହାୟକ ବଳରାମ ବାରିକ କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧ୍ୟାପିକା ଦୀପ୍ତିପ୍ରଭା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଠ ରାଜ୍ୟର ରାଜଭବନ ଅଧିକାରୀଙ୍କ ପାଇଁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସଂପର୍କିତ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୭/୯ (ନି.ପ୍ର): ଭାରତର ଉତର-ପୂର୍ବାଚଂଳ ଆଠଟି ରାଜ୍ୟର ରାଜଭବନର ଅଧିକାରୀମାନଙ୍କ ପାଇଁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସଂପର୍କିତ ଅଭିମୁଖୀକରଣ (ଓରିଏଟେଂସନ୍) କାର୍ଯ୍ୟକ୍ରମ ରାଜଭବନର ନିୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ତା ୦୬.୦୯.୨୦୨୪ରିଖ ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆଶାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା, ମଣିପୁର, ମିଜୋରାମ, ମେଘାଳୟ ରାଜଭବନର ବରିଷ୍ଠ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଓଡ଼ିଶାର ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ ରାଜ୍ୟପାଳଙ୍କ ଶୁଭେଚ୍ଛା ବାର୍ତା ଜଣାଇବା ସହ ସ୍ୱାଗତ ଭାଷଣ ପ୍ରଦାନ କରି ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଓରିଏଟଂସନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏହାପରେ ନୀତି ଆୟୋଗର ଅତିରିକ୍ତ ମିଶନ୍ ନିର୍ଦ୍ଦେଶକ ଆନନ୍ଦ ଶେଖର ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଓ ପ୍ରସଙ୍ଗ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ ଓ ପାୱାର ପଏଂଟ ପ୍ରେଜେଟଂସନ ମାଧ୍ୟମରେ ବୁଝାଇଥିଲେ । ନୂଆ ଦିଲ୍ଲୀସ୍ଥିତ କାପାସିଟ ବିଲିଂଡଗ କମିଶନର ନିର୍ଦ୍ଦେଶକ ଶ୍ରୀମତୀ ନବ୍‌ନିତ୍ କୌର ଏବଂ ଆଇ.ଜି.ଓ.ଟି. (ଇଂଟିଗ୍ରେଟେଡ ଗଭର୍ଣ୍ଣମେଂଟ ଅନ୍ ଲାଇନ୍ ଟ୍ରେନିଂଗ)ର ବରିଷ୍ଠ ଉପଦେଷ୍ଟା ଶ୍ରୀମତୀ ଶୋଭନା ରାଣା କର୍ମଯୋଗୀ ଏବଂ ଇଟିଂଗ୍ରେଟେଡ ଗଭର୍ଣ୍ଣମେଂଟ ଅନ୍‌ଲାଇନ୍ ଟ୍ରେନିଂଗ୍ (ଓଏଜଞ୍ଚ) ସଂପର୍କରେ ବିଶଦଭାବେ ଆଲୋଚନା କରିଥିଲେ । କର୍ମଚାରୀମାନଙ୍କର ଦକ୍ଷତା ବିକାଶ, କାର୍ଯ୍ୟକ୍ରମ ପରିଚାଳନା ଜରିଆରେ କିପରି ବିଭିନ୍ନ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟାନ୍ନୟନ ହୋଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ । ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଯୋଜନାର ସୁଫଳ କିପରି ପ୍ରତି ଘରେ ପହଚିଂବ, ହିତାଧିକାରୀଙ୍କ ଜୀବନସ୍ତରର ଉନ୍ନତି ହେବ ତା' ଉପରେ ଗୁରୁତ୍ୱଆରୋପ କରାଯାଇଥିଲା । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକକ୍ଷେତ୍ର, ଭିତିଭୂମିର ବିକାଶ ତଥା ଅନ୍ୟାନ୍ୟ ମୌଳିକ ଆବଶ୍ୟକତା କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରୀତା ସଂପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ରାଜ୍ୟର ରାଜଭବନର ବରିଷ୍ଠ ଅଧିକାରୀମାନେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସଂପର୍କରେ ମତାମତ ଓ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ମନୀଶ ଅଗ୍ରୱାଲ ରାଜ୍ୟରେ ଚାଲିଥିବା ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସଂପକରେ ଆଲୋକପାତ କରିଥିଲେ ।

## ସର୍ପାଘାତ ମୃତକଙ୍କ ପରିବାରକୁ ସରକାରୀ ସହାୟତା

କେନ୍ଦ୍ରାପଡ଼ା, ୭/୯ (ନି.ପ୍ର): ସର୍ପାଘାତରେ ମୃତ୍ୟୁବରଣ କରିଥିବା କେନ୍ଦ୍ରାପଡା ତହସିଲ ଅଧିନ ବାରୋ ଇତିପୁର ଗ୍ରାମର ଅରୁଣ ମଲିକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନର ରେଡ୍ ?କ୍ରସ୍ ଫଣ୍ଡରୁ ୧୫ ହଜାର ଟଙ୍କା ପ୍ରାଥମିକ ସହାୟତା ରାଶି ପ୍ରଦାନ କରାଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ତହସିଲଦାର ତାପସ ରଞ୍ଜନ ଦେହୁରୀ ସଂପୃକ୍ତ ପରିବାର ନିକଟରେ ପହଁଚି ସହାୟତା ରାଶି ପ୍ରଦାନ କରିଥିଲେ । ସହାୟତା ରାଶି ପ୍ରଦାନ ସମୟରେ ସ୍ଥାନୀୟ ସରପଂଚ ଗୋପୀନାଥ ମଲିକ ଓ କେତେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଗଣପର୍ବ ପାଇଁ ନୂଆଁଖାଇ ଗହ ଗହ ଗୀତ ବିମୋଚିତ

ବଲାଙ୍ଗୀର, ୭/୯ (ନି.ପ୍ର): ସନ୍ଧ୍ୟା ଘ.୬ ସମୟରେ ବଲାଙ୍ଗିର ମାଁ ସମଲେଇ ମନ୍ଦିର ଠାରେ ମହନୀ କ୍ରିଏସନ ତରଫରୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇକୁ ଆଖି ଆଗରେ ରଖି "ନୂଆଁଖାଇ ଗହ ଗହ" ଏକ ଗୀତ ସାଂସ୍କୃତିକ ଗବେଷକ ନିଳାଂଚଳ ନନ୍ଦଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସମଲେଇ ମା'ଙ୍କ ଠାରେ ପୂଜାର୍ଚ୍ଚନା ପରେ ଉଦ୍‌ଘାଟନ କରାଯାଇଥିଲା । ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଅଳ୍ପ କିଛି ଦିନ ମଧ୍ୟରେ ହେବାକୁ ଯାଉଛି ସେଥି ପାଇଁ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ତେଣୁ କରି ମହନୀ କ୍ରିଏସନ ତରଫରୁ "ନୂଆଁଖାଇ ଗହ ଗହ" ନାମକ ଗୀତ ପଶ୍ଚିମ ଓଡିଶା ବାସୀଙ୍କ ପାଇଁ ଭେଟି ଦେଇଛନ୍ତି । ଏଥିରେ କଣ୍ଠ ଦେଇଛନ୍ତି ବିନୟ ସୁନା ଓ ସୁପ୍ରିୟା ଶର୍ମା, ଗୀତ, ସଂଗୀତ ଓ ନୃତ୍ୟ ବିନୟ ସୁନା, ଅଭିନୟରେ ଚନ୍ଦନା ସିଂ, ବିନୟ ସୁନା, କଳାକୃଷ୍ଣ ସାହୁ, ନବିନ ବେହେରା, ଢୋଳ ମହୁରି କଳା ପରିଷଦର ସଦସ୍ୟ ଓ ସଦସ୍ୟା ଅଛନ୍ତି । ରୂପସର୍ଯ୍ୟାରେ ବ୍ରହ୍ମାନନ୍ଦ ବନଛୋର, କ୍ୟାମେରାରେ ମିଳନ, ପ୍ରଯୋଜନା ପରିଚାଳନା ଆକାଶ ମହାଣା, ପ୍ରଯୋଜନା ନିୟନ୍ତ୍ରକ ଅଷ୍ଟମି ନାଗ, ପ୍ରଚାର ପ୍ରସାର ଶୁଭମ, ସହ-ନିର୍ଦ୍ଦେଶନା ରାଜ କିଶୋର, ସମ୍ପାଦନା ଦାୟିତ୍ୱ ମାନସ ହରପାଲ ଥିବା ବେଳେ ନିର୍ଦ୍ଦେଶନା ଓ ଓ ପ୍ରଯୋଜନା ଭାର ଉଠାଇଛନ୍ତି ବିନୋଦ କୁମାର କାଲସାଏ । ଆଜିର ଉଦ୍‌ଘାଟନୀ ସନ୍ଧ୍ୟାରେ ସାଂସ୍କୃତିକ ଗବେଷକ ନିଳାଂଚଳ ନନ୍ଦ, ବିନୋଦ କାଲସାଏ, ବିନୟ ସୁନା, ଚନ୍ଦନା ସିଂ, ଅଷ୍ଟମି ନାଗ, କଳ୍ପନା ମହାନ୍ତି, ସୁଦେସ୍ନା ଭୋଇ, ଶୁଭମ୍, ଆକାଶ ମହାଣା, ମିଳନ, କଳାକୃଷ୍ଣ ସାହୁ, ମୁକେଶ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

ବଲାଙ୍ଗୀର, ୭/୯ (ନି.ପ୍ର): ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ଆୟୋଜିତ ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଲେଜ ଛକ ଠାରେ ଉଦଯାପିତ ହୋଇଯାଇଛି । ଏଥିରେ ବଲାଙ୍ଗୀର ପୌର ଅଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିବା ବେଳେ ଖଗେଶ୍ୱର ଦାସ ମୁଖ୍ୟବକ୍ତା, ଇଂ.ବେଲାଳ ସିଂ ଭୋଇ ଦକ୍ଷିଣ ପଶ୍ଚିମ ସମ୍ଭାଗ ସଭାପତି, ଅନୁଷ୍ଠାନର ସଭାପତି ତ୍ରିବିକ୍ରମ ଦାଶ ଓ ସମ୍ପାଦକ ନୀଳାଚଳ ଚିରଗୁନ୍, ମାଧବ ଶତପଥୀ ବିଭାଗ ପ୍ରମୁଖ, ପ୍ରକାଶ ଚନ୍ଦ୍ର ମହାନ୍ତି ସହ ସଂଯୋଜକ ଦକ୍ଷିଣ ପଶ୍ଚିମ ସମ୍ଭାଗ ଶିକ୍ଷା ବିକାଶ ସମିତି ଓଡ଼ିଶା ମଂଚାସୀନ ଥାଇ ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଉଚ୍ଚଶିକ୍ଷା ପାଇଁ ଛାତ୍ରୀଙ୍କୁ ଶିକ୍ଷାଋଣ ପ୍ରଦାନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୭/୯ (ନି.ପ୍ର): ୟୁନିୟନ ବ୍ୟାଙ୍କ କେନ୍ଦ୍ରାପଡା ଶାଖା ତରଫରୁ ଜଣେ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା (ଜି.ଏନ୍.ଏମ୍)ପାଇଁ ୩ ଲକ୍ଷ ଟଙ୍କାର ଶିକ୍ଷାଋଣ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି । ଏନେଇ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମଧୁସ୍ମିତା ସ୍ୱାଇଁଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ପ୍ରଧାନୀ, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ସ୍ୱାଧିନ ସିହ୍ନା ଓ ସଂପୃକ୍ତ ଛାତ୍ରୀଙ୍କ ପିତା ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଋଣ ପ୍ରଦାନ ସମୟରେ ଉପସ୍ଥିତ ଥିଲେ । ବଶେଷରେ ଜଣେ ଶ୍ରେଷ୍ଠ ଗୁରୁର ସମ୍ମାନ ଦେଇ ଭିଲୁ ଦାଶ, ଅମର ସାହୁ, ଆଦିତ୍ୟ ଦାନୀ, ଦୁର୍ଯ୍ୟୋଧନ ସେନାପତି ସମ୍ବର୍ଦ୍ଧିତ କରିଥିଲେ ।

# ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗୀର, ୭/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଆସନ୍ତା ସେପ୍ଟମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏଥିନିମନ୍ତେ ସମଗ୍ର ବଲାଙ୍ଗିର ଜିଲ୍ଲାରେ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ଏଣୁ ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ଓ ରୂପାୟନ ସମ୍ପର୍କିତ ବିଶଦ ସୂଚନା ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଆଜି କଲେକ୍ଟରେଟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ସୂଚନା ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ । ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀଙ୍କ ବୟସ ୨୧ ବର୍ଷ ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ ହେଉଥିବା ବେଳେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରତି ବର୍ଷରେ ୧୦ ହଜାର କରି ୫ ବର୍ଷରେ ପାଇବେ । ପ୍ରତି ବର୍ଷ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ୧୦ ହଜାର ଟଙ୍କା ହିତାଧିକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ କରାଯିବ । ସେହିପରି ଯୋଗ୍ୟ ହିତାଧିକାରୀମାନେ ନିଜ ଆଧାର କାର୍ଡ, ମୋବାଇଲ ନମ୍ବର ଓ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ର ସମସ୍ତ ଦରକାରୀ କାଗଜପତ୍ର ନେଇ ଚିହ୍ନଟ ହୋଇଥିବା ନିକଟସ୍ଥ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ର ଠାରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜିକରଣ କରିପାରିବେ ଓ ନିଷ୍କ୍ରିୟ ଥିବା ଆଧାର କାର୍ଡ ଗୁଡିକରେ ଆବଶ୍ୟକ ପରିବର୍ତନ କରିବା ପାଇଁ ଆଧାର କେନ୍ଦ୍ର ଚିହ୍ନଟ କରାଯାଇଛି ଓ ଏଥି ନିମନ୍ତେ ହିତାଧିକାରୀମାନେ ନିଜେ ଉପସ୍ଥିତ ରହିବାକୁ ସୂଚାଇ ଦିଆଯାଉଛି ଓ ହିତାଧିକାରୀଙ୍କ ଅନୁପସ୍ଥିତିରେ କୌଣସି ପ୍ରାମାଣିକରଣ କରାଯିବ ନାହିଁ ଓ 'ସୁଭଦ୍ରା' ଫର୍ମ ଦାଖଲ କରିବା ପାଇଁ ଆଧାର ମୋବାଇଲ୍ ନମ୍ବର ସହିତ ଲିଙ୍କ୍ ହୋଇନଥିଲେ ମଧ୍ୟ ମୁହଁ କିମ୍ବା ଟିପର ପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରାମାଣିକରଣ କରାଯାଇପାରିବ । ତେଣୁ, 'ସୁଭଦ୍ରା' ଫର୍ମ ଦାଖଲ ପାଇଁ ମୋବାଇଲ୍ ନମ୍ବରଗୁଡ଼ିକୁ ଆଧାର ସହିତ ଲିଙ୍କ୍ କରିବାକୁ ବ୍ୟସ୍ତ ହୋଇ ଗହଳି ନକରି ବିନା ଫୋନ ନମ୍ବର ଲିଙ୍କରେ ମଧ୍ୟ ଆବେଦନ ପତ୍ର ପୂରଣ କରି ଦାଖଲ କରିବାକୁ ସୂଚନା ଦିଆ ଯାଇଥିଲା । ଆସନ୍ତାକାଲି ଜିଲ୍ଲାରେ ଉପ ମୁଖ୍ୟ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ ସୁଭଦ୍ରା ଯୋଜନାର ଜିଲ୍ଲା ସାରା ବ୍ୟାପକ ପ୍ରଚାର ପାଇଁ ସୁଭଦ୍ରା ରଥର ଉଦ୍ଘାଟନ କରିବେ । ସୁଭଦ୍ରା ଯୋଜନା ଅନ୍ତର୍ଗତ ଆବେଦନ କରିବା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ ଓ ଏହା ଏକ ନିରନ୍ତର ପ୍ରକ୍ରିୟା । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ଓ ଆବେଦନ ସମୟର କୌଣସି ଅବଧି ନାହିଁ । କୌଣସି ଅସୁବିଧା ର ସମ୍ମୁଖୀନ ହେଉଥିଲେ ସେମାନେ ଦେୟ ମୁକ୍ତ ୧୪୬୭୮ ନମ୍ବର ରେ କଥା ହେଇ ଅଭିଯୋଗ ର ସମାଧାନ କରିପାରିବେ ।

email :
rabibarachayan2015@gmail.com


## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୬୬**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେହିଦିନରୁ ରାବଣ ତୁମ ପତ୍ନୀର ଛାୟା ମଧ୍ୟ ସ୍ପର୍ଶ କରିନାହିଁ । ସେହି ଏକବସ୍ତ୍ର ପିନ୍ଧି ସେ ଅଶୋକବନରେ ଏକ ଅଶୋକ ବୃକ୍ଷ ମୂଳରେ ଦିନ ରାତି, ଖରା, କାକର, ବର୍ଷା, ଶୀତ ସବୁ ସହି ପଡ଼ି ରହିଥିଲେ । ଏକଥା ଯଦି ତୁମ ବିଶ୍ୱାସକୁ ନପାଉଛି ତାହେଲେ ତୁମ ଲଙ୍କାପୋଡ଼ା ବାନରକୁ ପଚାର । ସେ ତ ସବୁ ଦେଖି ଆସିଛି । ଆଜି ଏଭଳି ଏକ ପବିତ୍ର ଦିନରେ ତୁମକୁ ପୁରୋହିତ ବ୍ରହ୍ମର୍ଷି ରାବଣ କହୁଛି ସୀତା ଜ୍ୱଳନ୍ତ ଅଗ୍ନି ଭଳି ପବିତ୍ର । ଏହା ବିଶ୍ରବାନନ୍ଦନ ଶାସ୍ତ୍ରଜ୍ଞ ରାବଣର ବଚନ । ଏଥକୁ ସାକ୍ଷୀ ଧର୍ମଦେବତା । ତୁମେ ଯଦି ମୋ କଥାରେ ବିଶ୍ୱାସ କରୁଥାଅ ତାହେଲେ ସୀତାଙ୍କୁ ବାମାଙ୍ଗେ ଧାରଣ କରି ଏହି ପବିତ୍ର ବନ୍ଧପ୍ରତିଷ୍ଠା ନିମିତ୍ତ ହେବାକୁ ଯାଉଥିବା ଯଜ୍ଞରେ ବସ । ଏଥିରେ ତୁମର ସକଳ କାର୍ଯ୍ୟ ସିଦ୍ଧି ହେବ । ବନ୍ଧ ପ୍ରତିଷ୍ଠା ବି ହେବ । ମହାପାପୀ ରାବଣ ବି ମରିବ । ଅନ୍ୟଥା ତୁମର ସକଳ କାର୍ଯ୍ୟରେ ବିଘ୍ନ ଉପୁଜିବ । ମୋ କଥାରେ ଯଦି ତୁମେ ସମ୍ମତି ପ୍ରଦାନ କର, ତାହେଲେ ମୁଁ ଏ ସ୍ଥାନରେ ଯଜ୍ଞ ଆରମ୍ଭ କରିବି, ଅଥବା ମୁଁ ଏହି ମୁହୂର୍ତ୍ତରେ ଲଙ୍କା ବାହୁଡ଼ି ଯିବି ।”

ରାବଣର କଥା ଶୁଣି ମୋ ସ୍ୱାମୀ ଜଡ଼ ପାଲଟି ଯାଇଥା’ନ୍ତି । ତାଙ୍କ ତୁଣ୍ଡରେ ଭାଷା ନଥାଏ । ଲକ୍ଷ୍ମଣ ମଧ୍ୟ ତାଙ୍କ ଭଳି ନିରବ । ନିରବ ସେଠାରେ ଉପସ୍ଥିତ ଥିବା ସମସ୍ତ ବାନରସେନା । ମୋ ସ୍ୱାମୀଙ୍କୁ ନିରବ ରହିବା ଦେଖି ରାବଣ କହିଥିଲେ, ତୁମର ନିରବତା ହିଁ ସୂଚାଇ ଦେଉଛି ତୁମେ ମୋ ପ୍ରସ୍ତାବରେ ସମ୍ମତି ପ୍ରଦାନ କରୁଛ । ହେ ରାମର ବାନର ସେନା ଗଣ । ରଥ ଉପରକୁ ଯାଅ । ରଥରେ ଯଜ୍ଞ ପୂଜା ପାଇଁ ସମସ୍ତ ଉପକରଣ ମୁଁ ନେଇ ଆସିଛି । ଦୁର୍ବା, ଅକ୍ଷତ, ପୁଷ୍ପ, ଚନ୍ଦନ ଠାରୁ ଆରମ୍ଭ କରି ମଂଗଳ କଳସ ପର୍ଯ୍ୟନ୍ତ ସବୁ ରଥରେ ରହିଛି । ତୁମେ ସେସବୁ ଏ ଅରଣ୍ୟରେ ପାଇଥା’ନ୍ତ କେଉଁଠୁ । ଯାଅ ସେ ସମସ୍ତ ଆଣି ଏ ସ୍ଥାନରେ ସଜାଇ ରଖ। ଗଂଗା, ଯମୁନା, ସରସ୍ୱତୀ ଆଦି ସପ୍ତନଦୀର ଜଳ ସପ୍ତତୀର୍ଥର ମୃତ୍ତିକା, ଗୋମୟ, ଗୋମୂତ୍ର, ଯଜ୍ଞ ଉପକରଣ ସବୁ ରଥରୁ ଆଣି ଏଠାରେ ରଖ । ଗୋମୟ ଗଂଗାଜଳରେ ଏ ସ୍ଥାନକୁ ପବିତ୍ର କର । ମୋ କହିବାନୁସାରେ ଯଜ୍ଞବେଦୀ ସଜାଅ । ସମୟ ଅତିକ୍ରାନ୍ତ ହେଉଛି । ସୂର୍ଯ୍ୟାସ୍ତ ପୂର୍ବରୁ ଯଜ୍ଞରେ ପୂର୍ଣ୍ଣାହୂତି ଦେଇ, କର୍ତ୍ତାଙ୍କର ସକଳ ଶୁଭ ମନାସି ମୁଁ ଫେରିଯିବି ।

ରାବଣର କଥାମାନି, ମୋ ସ୍ୱାମୀଙ୍କର ଇଂଗିତରେ ରଥ ଉପରୁ ସମସ୍ତ ଦ୍ରବ୍ୟ ଅଣାଯାଇ ସେତୁବନ୍ଧ ମୂଳରେ ରଖି ଦିଆଗଲା । ଯଜ୍ଞବେଦୀ ସ୍ଥାପନ କରାଗଲା । ଏସବୁକୁ ମୁଁ ନିରବରେ ଛିଡ଼ା ହୋଇ ଦେଖୁଥାଏ । ପାଟିରୁ ମୋର ବଚନ ସ୍ଫୁରୁ ନଥାଏ । କ’ଣ କହିବି କାହା ସହିତ କଥା ହେବି। ସମସ୍ତେ ତ ନିରବ । କେବଳ ଅମାନିଆ ଅଶ୍ରୁଧାରା ବାଧା ବନ୍ଧନ ନମାନି ବହି ଯାଉଥାଏ ମୋ ନୟନ ଯୁଗଳରୁ ।

ସମସ୍ତ କାର୍ଯ୍ୟ ଶେଷ ହେବାପରେ ପୁରୋହିତ କୁଶର ଆସନଟିଏ ବିଛାଇ ନିଜେ ବସିବା ସହିତ ମୋ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଆଉ ଏକ କୁଶାସନ ପକାଇ ତାଙ୍କୁ ବସିବାକୁ ନିର୍ଦ୍ଦେଶ ଦେଇଥିଲେ । ବାଧ୍ୟ ଶିଷ୍ୟଟିଏ ଗୁରୁଙ୍କ ଆଦେଶକୁ ଯେମିତି ଅକ୍ଷରେ ଅକ୍ଷରେ ପାଳନ କରେ ସେମିତି ରାବଣର କଥାକୁ ଅକ୍ଷରେ ଅକ୍ଷରେ ମୋ ସ୍ୱାମୀ ସମ୍ମାନ ଦେଉଥା’ନ୍ତି । ମୋ ପ୍ରଭୁ ଆସନ ଗ୍ରହଣ କଲାପରେ ରାବଣ କହିଥିଲେ ମଂଗଳ ଅନୁଷ୍ଠାନ ଆରମ୍ଭ ହେବା ପୂର୍ବରୁ ସଧବା ନାରୀମାନେ ଶଙ୍ଖବାଦନ କରିବା ଏକାନ୍ତ ବିଧେୟ । ଏଠାରେ ସୀତାଙ୍କ ବ୍ୟତୀତ ଅନ୍ୟ କେହି ସଧବା ନାରୀ ନାହାନ୍ତି । ଦେବୀ ସୀତେ ! ତୁମେ ଶଂଖନାଦ କର । ମୁଁ ମଂଗଳ ସ୍ତୋତ୍ର ଉଚ୍ଚାରଣ କରିବି । ଏହାକହି ରାବଣ ମୋ ହସ୍ତରେ ଶଂଖ ଧରାଇ ଦିଅନ୍ତେ ମୁଁ ଅନ୍ୟ ଉପାୟ ନପାଇ ଶଂଖନାଦ କରିଥିଲି ।

ଶ୍ଳୋକ ଉଚ୍ଚାରଣ କଲେ ରାବଣ । ଶଂଖ ନାଦ ପରେ ମୋତେ ନିର୍ଦ୍ଦେଶ ଦେଇ ସେ କହିଥିଲେ ଏବେ ତୁମ ସ୍ତ୍ରୀ ଧର୍ମ ପାଳନ କର ସୀତେ । ତୁମ ସ୍ୱାମୀଙ୍କ ବାମ ପାର୍ଶ୍ୱରେ ତୁମେ ଉପବେଶନ କର। କ’ଣ କରିବି ମୁଁ ? ସ୍ୱାମୀ ମୋର ଆଜ୍ଞା ନଦେଲା ପର୍ଯ୍ୟନ୍ତ ମୁଁ ତାଙ୍କ ପାଖରେ ବସିବି କେମିତି ? ମୋ ମନର ଭାବନାକୁ ମହର୍ଷି ରାବଣ ପଢ଼ିପାରିଥିଲେ ନିଶ୍ଚୟ । ମୋ ସ୍ୱାମୀଙ୍କୁ ଶୁଣାଇ ସେ କହିଥିଲେ “ହେ ପୁରୁଷଶ୍ରେଷ୍ଠ ରାମଚନ୍ଦ୍ର ! ତୁମ ପତ୍ନୀଙ୍କ ହସ୍ତଧରି ତାଙ୍କୁ ନେଇ ତୁମ ବାମପାର୍ଶ୍ୱରେ ବସାଅ ।” ରାବଣର ଆଜ୍ଞାକୁ ପାଳନ କଲେ ପ୍ରଭୁ ମୋର । ମୋ ହସ୍ତ ଧରିନେଇ ତାଙ୍କ ବାମପାର୍ଶ୍ୱରେ ବସାଇଲେ । ନିର୍ଦ୍ଦେଶ ଦେଇଥିଲେ ରାବଣ ଶ୍ରୀରାମ ତୁମ ବାମହସ୍ତକୁ ପତ୍ନୀଙ୍କ ପୃଷ୍ଠଦେଶରେ ଦେଇ ତାଙ୍କ ସ୍କନ୍ଧକୁ ମଣ୍ଡନ କର । ସେ ସେମିତି କଲେ।

ସେତେବେଳକୁ ସର୍ବାଙ୍ଗରୁ ମୋର ଗମ୍‌ଗମ୍ ହୋଇ ଝାଳ ବହି ଯାଉଥାଏ ପ୍ରୀତିଦା । ମୋ ସ୍ୱାମୀଙ୍କ ହସ୍ତ ମୋ ସ୍କନ୍ଧକୁ ସ୍ପର୍ଶ କଲାବେଳେ ମୁଁ ଅଯୋଧ୍ୟାର ବିବାହ ବେଦୀରେ ବିଶ୍ୱାମିତ୍ରଙ୍କ ଆଜ୍ଞାମାନି ମୋ ସ୍ୱାମୀ ଯେଉଁ ପ୍ରଥମ ସ୍ପର୍ଶ ମୋତେ ଦେଇଥିଲେ ସେହି ସ୍ପର୍ଶକୁ ମୁଁ ଅନୁଭବ କରିଥିଲି । କମ୍ପି ଉଠିଥିଲା ମୋ ସର୍ବାଙ୍ଗ ଶରୀର । ଏଇଠି ମନେମନେ ରାବଣକୁ ମୁଁ ପ୍ରଶଂସା କରିଥିଲି ପ୍ରୀତିଦା । ମୋର ମନେହେଲା ରାବଣ ଆଜି ମୋର ଶତ୍ରୁ ନୁହେଁ ସେ ଆଜି ମୋ ପାଇଁ ବିଶ୍ୱାମିତ୍ର । ଆରମ୍ଭ ହେଲା ଯଜ୍ଞାନୁଷ୍ଠାନ । ପୂଜା କାର୍ଯ୍ୟ, ଘଟପ୍ରତିଷ୍ଠା । ଯଜ୍ଞରେ ରାବଣ ସହିତ ଆମ ସ୍ୱାମୀ ସ୍ତ୍ରୀଙ୍କୁ ମଧ୍ୟ ଘୃତ ନିକ୍ଷେପ କରିବାକୁ ପଡ଼ିଥିଲା । ଏମିତି ସାରା ଦିବସ ଯଜ୍ଞ କାର୍ଯ୍ୟ ଲାଗି ରହିଥିଲା । ଯଜ୍ଞସ୍ଥଳରେ ଆମକୁ ଘରିପାରୁଶରୁ ବେଢ଼ି ରହିଥାନ୍ତି ବାନରସେନା । ଲକ୍ଷ୍ମଣ ହନୁମାନଙ୍କ ସହିତ ଆଉ କିଛି ବ୍ୟକ୍ତିବିଶେଷ । ସେମାନେ ସମସ୍ତେ ରାବଣର ନିର୍ଦ୍ଦେଶରେ କାର୍ଯ୍ୟ କରୁଥା’ନ୍ତି । କିଛିସମୟ ପରେ ରାବଣ ସୂଚାଇ ଦେଲେ ଯଜ୍ଞ କାର୍ଯ୍ୟ ଶେଷ ପ୍ରାୟ। ଏହାପରେ ବନ୍ଧ ପ୍ରତିଷ୍ଠା । ପରେପରେ ପୂର୍ଣ୍ଣାହୂତି ହେବ । ଏହାପରେ ମୋ କାର୍ଯ୍ୟ ଶେଷ ହେବ । ମୁଁ ପୁରୋହିତର କାର୍ଯ୍ୟ ଶେଷ କରିବି । ଯଜମାନ ରାମଚନ୍ଦ୍ର ଦକ୍ଷିଣା ଦେବେ । ତାପରେ ମୁଁ ଏ ସ୍ଥାନ ତ୍ୟାଗ କରିବି । ସୂର୍ଯ୍ୟାସ୍ତ ହେବାକୁ ଆଉ ଅଳ୍ପ ସମୟ ବାକି । ଏବେ ବନ୍ଧ ପ୍ରତିଷ୍ଠା । ପତିପତ୍ନୀ ଉଭୟେ ନାରିକେଳ ଫଟାଇ ବନ୍ଧର ଶୁଭ ଉନ୍ମୋଚନ କରିବେ ।

ତାହାହିଁ ହେଲା । ବନ୍ଧ ପ୍ରତିଷ୍ଠା ସରିଲା । ନାରିକେଳଟିଏ ଆମ ଦୁହିଁଙ୍କ ହସ୍ତରେ ଧରାଇଦେଇ ରାବଣ କହିବାକୁ ଲାଗିଲେ, ତୁମ ମନର ଯାହା କାମନା ଅଛି ତାହାକୁ ମନରେ ସ୍ମରଣ କରି ଏ ଯଜ୍ଞ କୁଣ୍ଡକୁ ନିକ୍ଷେପ କର । ମୁଁ ଆହୂତି ଦେଉଛି।

କ’ଣ ମୋ ମନର କାମନା ? ରାବଣ ବଧ, ସୀତା ଉଦ୍ଧାର ନାଁ ଆଉ କିଛି । କ’ଣ ମୁଁ କାମନା କରିବି ? ମୋ ସ୍ୱାମୀ କ’ଣ କାମନା କରିବେ ମୁଁ ଜାଣେନା । ଆମ ମନର ଭାବନାରେ ବିଘ୍ନ ଘଟାଇ ରାବଣ କହିଥିଲେ ପୁରୋହିତ ଯଜମାନର ମନୋକାମନା କିଛି ଜାଣିପାରେ । ମୁଁ ଜାଣେ ରାମ ସୀତାଙ୍କର ମନର କାମନା ବାସନା ସବୁକିଛି । ରାବଣ ମରଣ, ସୀତା ଉଦ୍ଧାର ଏହି କାମନା । ଏହି କାମନା କରି ମୁଁ ପୂର୍ଣ୍ଣାହୂତି ଦେଉଛି ।

(କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍... ମୁଖ୍ୟମନ୍ତ୍ରୀ କଣ କହିଛନ୍ତି ?

### ସୁବ୍ରତ ପଟ୍ଟନାୟକ



ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଆରମ୍ଭ ହୋଇଛି ରାଜନୀତି। ବିରୋଧୀ ଦଳର କେତେଜଣ ନେତା ଅଭିଯୋଗ କରିଛନ୍ତି- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗନ୍ନାଥ ମହାପ୍ରଭୁଙ୍କ ସହିତ ନିଜକୁ ତୁଳନା କରିଛନ୍ତି। ଫଳରେ ଶ୍ରୀ ଜଗନ୍ନାଥଙ୍କର ମହିମା ନଷ୍ଟ ହୋଇଛି। ନିଜର ଭୁଲ୍ ପାଇଁ ମୋହନ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏହା ସହ ସେ ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ।

ସବିଶେଷ ବିବରଣୀ ଜାଣିବା ପାଇଁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ମନ ବଳାଇଥିଲା। ଏହି ନେତାଙ୍କୁ ଆମେ ପଚାରିଲୁ-ମୁଖ୍ୟମନ୍ତ୍ରୀ କେଉଁଠି ଓ କଣ କହିଥିଲେ, ତାହା ଆମେ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହୁଁ। ଉତ୍ତର ମିଳିଲା- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୋହନ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଭୁ ବଳଭଦ୍ର ଓ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦେବୀ ସୁଭଦ୍ରା କହିଥିଲେ। ତେଣୁ, ମୋହନ ନିଜକୁ ପ୍ରଭୁ ଶ୍ରୀ ଜଗନ୍ନାଥ ବୋଲି ଭାବୁଛନ୍ତି- ଏହାହିଁ ସେମାନଙ୍କର ଯୁକ୍ତି। ଆମେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମତାମତ ଜାଣିବାକୁ ଚେଷ୍ଟା କରିଥିଲୁ। ତାଙ୍କ କାର୍ଯ୍ୟାଳୟ ହସ ଯୋଗାଯୋଗ ହୋଇଥିଲେ ବି ତାଙ୍କ ସହିତ ଭେଟ ହେବା ସମ୍ଭବ ହେଲା ନାହିଁ।

> ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଲକ୍ଷ୍ମୀ, ଦୁର୍ଗା, ସୂର୍ଯ୍ୟ, ଚନ୍ଦ୍ର ଆଦି ଦେବାଦେବୀଙ୍କ ନାମ ଅନେକଙ୍କର ରହିଛି। ଭଗବାନଙ୍କ ସହିତ ନିଜକୁ ସଂଯୋଗ କରିବାପାଇଁ ଏଭଳି ନାମକରଣର ଉଦ୍ଦେଶ୍ୟ। ତାକୁ କଦର୍ଥ କରିବା ଅନୁଚିତ।

ଆମେ ମୂଳ ପ୍ରସଙ୍ଗକୁ ଫେରିବା। ଓଡ଼ିଶାର ଘରେ ଘରେ ପିତାମାତା ଓ ଗୁରୁଜନ ନିଜ ପିଲାମାନଙ୍କର ନାମ ଠାକୁରଙ୍କ ନାମ ଅନୁସାରେ କରିଥାନ୍ତି। ଏହାହିଁ ଓଡ଼ିଶାର ପରମ୍ପରା ଓ ସଂସ୍କୃତି। ଉକ୍ତ ସହିତ ଭଗବାନଙ୍କର ନିବିଡ଼ ସମ୍ପର୍କ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଲକ୍ଷ୍ମୀ, ଦୁର୍ଗା, ସୂର୍ଯ୍ୟ, ଚନ୍ଦ୍ର ଆଦି ଦେବାଦେବୀଙ୍କ ନାମ ଅନେକଙ୍କର ରହିଛି। ଭଗବାନଙ୍କ ସହିତ ନିଜକୁ ସଂଯୋଗ କରିବାପାଇଁ ଏଭଳି ନାମକରଣର ଉଦ୍ଦେଶ୍ୟ। ତାକୁ କଦର୍ଥ କରିବା ଅନୁଚିତ। ଯେଉଁମାନେ ଏଭଳି ଅଭିଯୋଗ ଆଣୁଛନ୍ତି, ସେମାନେ ବୁଝିବା ଦରକାର ତାଙ୍କ ସରକାର କ୍ଷମତାରେ ଥିବାବେଳେ ଓଡ଼ିଶାର ଦୁଇ ମୁଣ୍ଡିଆ ଶିଶୁଙ୍କ ନାମ ଦେଇଥିଲେ- ଜଗା ବଳିଆ। ‘କାଳିଆ’ ଓ ‘ଲକ୍ଷ୍ମୀ’ ନାମରେ ଯୋଜନା କରିଥିଲେ। ଚଳିତ ବିଧାନସଭାରେ ବିରୋଧୀ ଦଳର କେତେକ ବିଧାୟକଙ୍କ ନାମ- ଗୌତମ ବୁଦ୍ଧ, ବଦ୍ରୀ ନାରାୟଣ, ଅରୁଣ, ପଦ୍ମଲୋଚନ, ରାମଚନ୍ଦ୍ର ଆଦି ରହିଛି। ଏପରି ନାମକରଣ କଣ ଏକ ଅପରାଧ ? ଅନେକ କ୍ଷେତ୍ରରେ ବଡ଼ଭାଇଙ୍କୁ ଶ୍ରଦ୍ଧାରେ ରାମଚନ୍ଦ୍ର, ନିଷ୍ଠାପର ଭକ୍ତଙ୍କୁ ଭକ୍ତ ପ୍ରହ୍ଲାଦ ଓ ହନୁମାନ ବୋଲି ସମ୍ବୋଧିତ କରାଯାଏ। ଏହାଦ୍ୱାରା ଭକ୍ତ ଓ ଭଗବାନଙ୍କର ବୈଶିଷ୍ଟ ବଢ଼େ। ଅନ୍ୟର ଗୁଣଗାନ କରିବା ଭାରତୀୟ ସଂସ୍କୃତିର ପରମ୍ପରା। ମୋହନ ଯଦି ନିଜକୁ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଶ୍ରୀ ଜଗନ୍ନାଥ କହିଥାନ୍ତେ, ତାହେଲେ ସାରା ଓଡ଼ିଶାରେ ପ୍ରତିବାଦର ସ୍ୱର ଉଠିଥାନ୍ତା। ମୁଖ୍ୟମନ୍ତ୍ରୀ ପଦରୁ ସେ ସ୍ୱଇଚ୍ଛାରେ ଇସ୍ତଫା ଦେଇ ସିଂହଦ୍ୱାର ସମ୍ମୁଖରେ ସମଗ୍ର ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥାନ୍ତେ। ମାତ୍ର ସେଭଳି କୌଣସି ଘଟଣା ଘଟିନାହିଁ।

ଏଇଠି ଦୁଇଟି କଥା ମନେ ପକାଇ ଦେବାକୁ ଉଚିତ୍ ମଣୁଚେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ମୋହନ ନିଜ ମନ୍ତ୍ରିମଣ୍ଡଳର ପୁରା ଟିମ୍‌କୁ ଧରି ଶ୍ରୀମନ୍ଦିରକୁ ଆସିଥିଲେ। ସମସ୍ତେ ଶ୍ରୀ ଜୀଉଙ୍କ ଦର୍ଶନ ସହିତ, ପ୍ରଭୁଙ୍କ ଆଶୀର୍ବାଦ ଓ କୃପାଭିକ୍ଷା କରିଥିଲେ। ଭକ୍ତଙ୍କ ଲାଗି ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିଦେବାକୁ ମୁଖ୍ୟମନ୍ତ୍ରୀ ଦେଇଥିଲେ ନିର୍ଦ୍ଦେଶ। ପୁରୀ ରଥଯାତ୍ରାରେ ଆମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଗୋଟିଏ ସଭା ମଞ୍ଚରେ ଦେଖିଚୁ। ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ବିଜେ ସମୟରେ ମୋହନଙ୍କ ଆଖିରୁ ଝରି ପଡୁଥଲା ଧାର ଧାର ଲୁହ। ପୁରୀ ବଡ଼ଦାଣ୍ଡରେ ମୋହନ ଝାଡୁ ଧରି ଅଳିଆ ସଫା କରିବା ଆମେ ଦେଖିଚୁ। ଏହାହିଁ ସନାତନ ଧର୍ମର ବଡ଼ ସେବା। ଆମେ ଜାଣୀ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ ତାଙ୍କ ପ୍ରକୋଷ୍ଠରେ ପୂଜା ପାଉଛନ୍ତି କାଳିଆ ସାଆନ୍ତେ। ସେ ହିଁ ତାଙ୍କ ପରିବାରର ଇଷ୍ଟ ଦେବତା। ମୋହନଙ୍କ ଭଳି ଶାନ୍ତ, ସରଳ, ସାନ୍ତାଳ ଭକ୍ତ ବିରଳ। ଆମର ଗର୍ବ, ଓ ଗୌରବ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି-କେନ୍ଦୁଝର ମାଟିର ଗରିବ ପୁଅ। ପ୍ରଭୁ ଜଗନ୍ନାଥଙ୍କ ଲାଗି ତାଙ୍କ ଜୀବନ ଚିରକାଳ ସମର୍ପିତ।

ଯେଉଁ ନେତାଗଣ ରାଜନୈତିକ ଉଦ୍ଦେଶ୍ୟ ରଖି ଧର୍ମକୁ ଅସ୍ତ୍ର କରୁଛନ୍ତି, ତାହା କଦାପି ସଫଳ ହେବନାହିଁ। କାଳେ କାଳେ ଧର୍ମର ଜୟ। କଷଟି ପଥରରେ ସୁନାକୁ ଘଷିଲେ ସୁନା ଦାଉ ଦାଉ ହୋଇ ଜଳିଉଠେ। କଷଟି ପଥର ନିଜେ କଳାକାଠ ପଡ଼େ। ଆମର ବିନମ୍ର ଅନୁରୋଧ ରାଜନୀତିର କଷଟି ପଥରରେ ମୁଖ୍ୟମନ୍ତ୍ରୀଙ୍କୁ ଆଉ ପରଖା ନଯାଉ।

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ।। ଦେଶର ଝିଅ ଲୁହରେ ।।

**● ବୃନ୍ଦାବନ ଦାସ**



।୧।
କାନଡେର,
ଛାତିଥରା ଆର୍ତ୍ତ ଚିତ୍କାରରେ
ଭାଙ୍ଗି ପଡୁଛି ଆକାଶ
ସ୍ତବ୍ଧ ହୋଇ ଯାଉଛି ଗୋଟେ ଦେଶ
ମା’ ର କପାଳରୁ ଧାର ଧାର
ବୋହୁଛି ତାଜା ରକ୍ତ
ବଳାତ୍କାରୀର ହିଂସ୍ର ବାହୁ ତଳେ
ଅବଳା ସେ କେତେ ଅସହାୟା !
।୨।
ଜୀବନ ବଞ୍ଚଉଥିବା ଈଶ୍ୱରୀ ଜଣକ
ରାକ୍ଷସ ପଞ୍ଝାରୁ
ମୁକୁଳେଇ ପାରିଲାନି ନିଜକୁ
ଝଡିଗଲା ଅକାଳରେ
ତା’ ସଙ୍ଗେ ଦଲକାଏ ପବନରେ
ପୃଥିବୀର ସବୁ ଫୁଲ ବି ।

ପାଲଟିଗଲା ସେ କେତେ ସକାଳର କୋହ !
ସେଦିନ ପାଶବିକ ଆଲୁଅରେ
ତରଳି ଯାଇଥିବ
ସବୁ ଜମାଟବନ୍ଧା ଅନ୍ଧକାର
ବେହୋସ୍ ହୋଇ ଯାଇଥିବ ସମୟ
ସାରା ଆକାଶର
ତାରାମାନେ ଢାଳି ଦେଇଥିବେ
ସବୁତକ ଲୁହ
ଭାରତ କନ୍ୟାର ମୃତ୍ୟୁରେ ।

ବର୍ବରତାଠୁ ବି ଇଏ ବଡ ବର୍ବରତା
ତ୍ରସ୍ତା ହରିଣୀକୁ କଲବଲ କରି
ଖେଳେଇ ଖେଳେଇ ମାରିଥିବ ମହାବଳ
ନା’, ନା’ କାଳରାତ୍ରୀରେ
ସୁକୁମାରୀ ଦେହକୁ ଖିନଭିନ୍ କରି
ରକ୍ତ ଶୋଷିଥିବ
ପଳପଳ ମାଂସକୁ ଝୁଣିଥିବ ରକ୍ତମୁଖା ଜହ୍ଲାଦ ?
ଚିତ୍କାର ଆର୍ତ୍ତନାଦ ପ୍ରତିରୋଧ ପ୍ରାର୍ଥନା
ଶେଷରେ ସବୁ ମିଳେଇ ଯାଇଥିବ ପବନରେ ।
।୩।
ମୌମିତା ଦେବନାଥ
ଅନେକଙ୍କ ଜୀବନ ପାଇଁ ଜନ୍ମିଥିବା ଈଶ୍ୱରୀର
ଜଘନ୍ୟ ମୃତ୍ୟୁରେ
ଏବେ ଦେଶର ଗୋଟେ ପଟେ
ଲୁହ କୋହ କ୍ରୋଧ ପ୍ରତିବାଦର ଶୋଭାଯାତ୍ରା
ଅନ୍ୟପଟେ
ଅନ୍ଧକାରରେ ମୁହଁ ଲୁଚେଇଛନ୍ତି
ଛାୟା ସରକାରର ଅଂଶୀଦାରମାନେ ।

ଯେଉଁ ମୁହଁସବୁ ଦିନେ ମୁଖର ଥିଲା
ମିଛି ମିଛିକା ଲୁହରେ ଭିଜଉଥିଲେ ମାଟି
କଣ୍ଠ ଫଟେଇ
ସମବେଦନାର ସ୍ୱର ଛୁଅଁଉଥିଲେ ଆକାଶ
କୁଆଡେ ଗଲେ ସେମାନେ ?
ସେମାନେ ଏବେ ନିରବ
ଅନ୍ଧ ମୂକ ବଧିର ବେଶ୍ ଚୁପଚାପ୍ ।

ଦରଦର ରୂପ କଣ ଭିନ୍ନ ଭିନ୍ନ ?
ରାଜନୀତିର ପଶାପାଲିରେ
କେତେଦିନ ନିଲାମ ଚାଲିବ ନାରୀର ଭାଗ୍ୟ ?
କେବେ ମୁକୁଳିବ
ଦେହଭୋଗର ଦୁଷ୍କର୍ମରୁ ବିଚରା ନାରୀଟିଏ ?
।୪।
କ୍ଷମାନାହିଁ
କାଲି ଶବ୍ଦର ବୋମା ଫୁଟାଉଥିବା ସେଇ
ଛଳନାର ମସିଧାରୀ ମାନଙ୍କୁ
କ୍ଷମାନାହିଁ
କାଲି ଯେଉଁମାନେ ପ୍ରଦର୍ଶନରେ ପ୍ରକମ୍ପିତ
କରୁଥିଲେ ରାଜାରାସ୍ତା
ଆଜି ସେଇ ଦୋମୁହାଁମାନେ ନିରୁଦ୍ଦିଷ୍ଟ
ପଙ୍ଗୁ ଅଥର୍ବ ।

ଦିଲ୍ଲୀ ହେଉ କି ହାଥରସ୍ ମଣିପୁର ହେଉ
କି ସନ୍ଦେଶଖାଲି
ସବୁ ବ୍ୟଥା ଏକ
ଗୋଟେ ଗୋଟେ କଳାଦାଗ
ଦେଶର ଝିଅ ଲୁହରେ ।
ଅଅଅ

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ - ୯୭୭୭୮୪୩୦୩୧

### ସେଦିନର ଗୋଟେ ବର୍ଷାରାତି

**● ଐଶ୍ୱର୍ଯ୍ୟା ପ୍ରଧାନ**



କେଜାଣି, କାହିଁକି
ସେଦିନ ଭିଜିବାକୁ ଖୁବ୍ ଇଛା ହେଲା
ବର୍ଷାରେ,
ଭିଜି ଭିଜି ଧୋଇ ଦେବାକୁ ଇଛା ହେଉଥିଲା
ଅଳନ୍ଦୁ ପରି ଜମିଥିବା ଦୁଃଖ ସବୁକୁ !

ଆସ୍ତେ ଆସ୍ତେ ସରି ଆସୁଥିଲା
ଦୁଃଖର ଆସ୍ତରଣ ,
ଆଉ ଶାଖା ପ୍ରଶାଖା ମେଲିବାକୁ ବି
ପ୍ରସ୍ତୁତ ହେଉଥିଲେ
ସୁଖର କାରଣ ଗୁଡ଼ାକ !

ପ୍ରସ୍ତୁତ ଥିଲା ସେ ଗଛଟା ବି,
ବର୍ଷାର ସ୍ପର୍ଶରେ ପତ୍ର କଅଁଳି ଘଞ୍ଚ ହୋଇ
ଯାଇଥିଲା ତା’ ବିଶାଳ ଶରୀର
କେତେ ଯେ ବସା ସୃଷ୍ଟି ହେବ ବୋଲି
ତା’ ଡାଳରେ
ଉଲ୍ଲସିତ ହୋଇ ଉଠୁଥିଲା ହୃଦୟ ଭିତରଟା
କଢ଼ିଟା ବି ଫୁଟିବାକୁ ଆତୁର ଥିଲା
ମହକିତ ହେବାକୁ ସୁଗନ୍ଧିତ ଫୁଲରେ
ଭାବୁଥିଲା, ତା’ ଚାରିପାଖରେ କେତେ ଯେ
ଭ୍ରମର ଘୁରି ବୁଲିବେ
ଆଉ ବଗିଚାର ଫୁଲମାନେ
ଜଳୁଥିବେ ଈର୍ଷାରେ !!

ଆହାଃ !
ମୁଁ, ଗଛ ଆଉ କଢ଼ି
ଭାବନା ରାଜ୍ୟରେ
ମତୁଆଲା ହୋଇ ଉଠୁଥିଲୁ !
ମଝିରେ ମଝିରେ ଶୁଭୁଥିଲା
ବିଜୁଳିର ଭୟାବହ ଗର୍ଜନ
କିନ୍ତୁ ସେଥି ପ୍ରତି ତିଳେ ମାତ୍ର ଖାତିର
ନ ଥିଲା କାହାର ବି ।

ପାହିଗଲା ସେଦିନର ବର୍ଷା ରାତି
ଆକାଶଟା ବି ଫର୍ଚ୍ଚା ହେଲା,
ଚିକ୍ ମିକ୍ ସକାଳ କି ସୁନ୍ଦର !
ଗଛର ଡାଳରେ ବି କେତେ ରକମର ବସା
ଆଉ ଶୁଭୁଛି ପକ୍ଷୀମାନଙ୍କ
କିଚିରି ମିଚିରି ଶବ୍ଦ
ଆଉ କଢ଼ିଟା ବି ଫୁଟି ଫୁଲ ହୋଇସାରିଛି
ପାଗଳ ଭଅଁରଗୁଡ଼ା ତା’ ଚାରିପଟେ
ଉଡ଼ି ବୁଲୁଛନ୍ତି ।
ଆଉ ମୁଁ?
ଚାଲିଛି ମୋ ଅନ୍ତିମ ଯାତ୍ରାରେ
ଚିରକାଳ ପାଇଁ ବିଦାୟ ନେଇ
ଏ ଦୁନିଆଁରୁ.......

ସତରେ, ସେଦିନର ବର୍ଷାରାତି
ଆଉ ସେ ବିଜୁଳିର ଛୁଆଁ
ଅତ୍ୟନ୍ତ ଭୟାବହ ଥିଲା ମୋ ପାଇଁ !!

❤ ପୋଷ୍ଟାଲ୍ କଲୋନୀ
ଭବାନୀପାଟଣା, କଳାହାଣ୍ଡି

### ଶୋଇପଡ ଧନ ମୋର....

**● ଯୋଗେଶ ଦାସ**



ଶୁଣିପାରୁଛ ତ ଶୁଣ
କାନପାରି ଶୁଣ
ଛାତିର ପ୍ରସ୍ତର ତଳୁ
ଏକ ସାମ୍ରାଜ୍ଞୀର ବିଜ୍ଞପିତ କରୁଣ ହାହାକାର..

ଦେଖିପାରୁଛ ତ ଦେଖ
ଚଷମା ସବୁରୁ ଧୂଳି ପୋଛି ଦେଖ
ଏକ ଅରଣ୍ୟ ବାଘୁଣୀର
ଫର୍ଦ୍ଦଫର୍ଦ୍ଦ ଛାତିରୁ ନିଗିଡି ପଡୁଥିବା
ଲାଲ୍ ରକ୍ତର୍ ଫୁଆରା..

ଲେଖିପାରୁଛ ତ ଲେଖ
ପବନରେ ଲେଖ
ଆକାଶରେ ଲେଖ
ମାଟିରେ ଲେଖ, ଲେଖିଚାଲ
ଏକ ମହୀୟସୀ ନାଗକନ୍ୟା କଲିଜାର
ସନ୍ତ୍ରାସୀ ଇତିହାସ ଲେଖ

ଚକ୍ଷୁ ମୋର କରୁଣ, ନିସ୍ତେଜ
ଅସହ୍ୟ ବେଦନାରେ
ଲୁହସବୁ ପାଲଟିଯାଇଛି ବରଫର ଜମାଟ୍

ସୋନାର୍ ମୋର୍ ବାଂଲା ମାଟି
ବିପ୍ଳବର ମାଟି, ସାହିତ୍ୟ ସଂସ୍କୃତିର ମାଟି

ଏଠି କୁଆ କା କଲେ କବିତା
ପାରା ଘୁମୁରିଲେ ସଂଗୀତ
ଧାନକେରା ଦୋହଲିଲେ ନୃତ୍ୟ

ମାଆ କାନ୍ଦୁଛି
ମାଟି କାନ୍ଦୁଛି
ମଣିଷ କାନ୍ଦୁଛି

ସାରାଟା ରାଜ୍ୟ ମୋର
ଧର୍ଷଣର ଏକ ରକ୍ତାକ୍ତ ମାନଚିତ୍ର
ଧର୍ଷିତାର ଅର୍ନ୍ତବସ୍ତ୍ର
ମୋର ବିଜୟ ପତାକା

ଏକଏକ ଧର୍ଷିତାର
ସଦ୍ୟ କ୍ଷତାକ୍ତ ନିମ୍ନାଙ୍ଗ
ମୋର ନିତ୍ୟ ପ୍ରସାଧନର ଦର୍ପଣ
ଧର୍ଷଣର ବିହନରେ
ଏଠି ମୋର
ଗଣମାନଙ୍କ ଚେତନାର ଅଙ୍କୁରଣ
ମେଘ ମଲ୍ଲାର ପରି
ବସନ୍ତ ବାହାର ପରି
ଧର୍ଷଣ ଏଠି
ସ୍ୱତନ୍ତ୍ର ଏକ ଉଚ୍ଚଟିତ ରାଗ ସଂଗୀତ
ଯା’ର ଗରଳ ଧାରଣକରେ
ଯୁବତୀର ଜଂଘ, କୋମଳ କମନୀୟ ଗଣ୍ଡ
ଛାତିର ଅର୍ଦ୍ଧେକ ଚୌହଦୀ

ମୁଁ ତ ମମତାର ମୋତି ଝିଲ୍ ଟିଏ
ସ୍ୱର୍ଣ୍ଣ ସିଂହାସନ ପ୍ରତି ମୋର ନିବିଡ ମମତା
ରାଜ୍ୟ ଜଳୁଛି ତ ଜଳିଯାଉ
ତା’ର ଶ୍ମଶାନର ଭସ୍ମପରେ
ମୁଁ ଥାପିବି ସିଂହାସନ ମୋର

ମୋ ଭିତରେ ମାଂସର ଆରଣ୍ୟକ ମୋହ
ଛଳନାର ବହଳ ପ୍ରଲେପରେ ତିଆରିଛି ମୁଖା


ହାୟ ହତଭାଗ୍ୟ ଭାରତବର୍ଷ !
ତୋ ହାତରେ ନାହିଁ ବୋଲି ଗୁରୁ ଦଣ୍ଡ
କୋଳେ ଧରି ଧର୍ଷଣକାରୀ
ସ୍ତନ୍ୟରୁ ମୋ କ୍ଷୀର ପିଆଉଛି
କପାଳ କପୋଳରେ ଚୁମା ଦେଇ
ସସ୍ନେହ ପାଳୁଛି
ନାନାବାୟା ଗୀତ ମୁଁ ଗାଉଛି
ନିଶ୍ଚିନ୍ତରେ ଶୋଇପଡ ଧନମୋର
କାଲି ପୁଣି ସକାଳର ଅନ୍ଧକାରେ
ଧର୍ଷିବାକୁ ଅଛି
ହସ୍ପିଟାଲ୍, କଲେଜ୍ ଅବା
ସ୍କୁଲକୁ ବରାଦ୍ ଦେଇଛି

ଏଠିସେଠି ଭଙ୍ଗାରୁଜା ଆଗୁନ୍ ସବୁଠି
ରଜ୍ୟ ମୋ’ ଜଳୁଛି
ତା’ ନିଆଁରେ ରୋଟି ମୁଁ ସେକୁଛି
ଏକ କୁମ୍ଭୀରୁଣୀର୍ ବିଚିତ୍ର
ଆତ୍ମ କାହାଣୀ ଲେଖୁଛି !!

❤ ଶୂନ୍ୟନୀଡ଼,ସୋର,ବାଲେଶ୍ୱର
ମୋ: ୮୨୬୦୬୯୭୮୭୮

# କବିତା ଧର୍ମୋପଦେଶ ଭଳି ନୁହେଁ, ଆସ୍ତେ ଆସ୍ତେ ତାହା ସ୍ନାୟୁଗତ ହୁଏ : ବିଜୟ ମହାପାତ୍ର

**ବିଜୟ ମହାପାତ୍ର** ଓଡ଼ିଆ କବିତା ଜଗତର ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ବାସ୍ତବତାକୁ ବାସ୍ତବବାଦୀ ଭାବନା ଭିତରେ ବୁଦ୍ଧିମନ୍ତ କରେ ତାଙ୍କର କାବ୍ୟସତ୍ତା । ମଗ୍ନ ଚୈତନ୍ୟରେ ସେ ଉପଲବ୍ଧ କରନ୍ତି ଆତ୍ମାର ସ୍ୱର । ଗଭୀର ମନନ ଓ ପ୍ରଚ୍ଛନ୍ନ ନୀରବତାକାଂକ୍ଷୀ ସ୍ୱଭାବ ହିଁ ତାଙ୍କୁ କବିତା ଆଡ଼କୁ ରାସ୍ତା କଢେଇ ନେଇଯିବା ସ୍ୱୀକାର କରୁଥିବା କବିଙ୍କ କବିତା ହିଁ ତାଙ୍କର ପରିଚୟ । କବିତା ଗଢଣରେ ତାଙ୍କର ନିଆରାପଣ ତାଙ୍କୁ କରିଛି ଅନନ୍ୟ । ତାଙ୍କ ସହ ଏଥରର ଆଳାପ..



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ବିବିକ୍ତ ହେଉଥିବା ମନୋଦଶାରୁ କବିତା ଆଡ଼କୁ ଢଳିବାକୁ ହେଲା । ପିଲାଦିନରୁ ଏକଲାପଣକୁ ଭଲ ପାଉଥିବା ବ୍ୟକ୍ତିତ୍ୱଟି ସାହିତ୍ୟର ଅନ୍ୟଅନ୍ୟ ବିଭାଗ ପ୍ରତି ଏତେ ଆଂତରିକତା ପ୍ରକାଶ କରିପାରିଲା ନାହିଁ । କବିତା ମତେ ହାଉଯାଉ କଲା- ବ୍ୟସ୍ତ କଲା । କବିତା ମୂଳତଃ ଚେତନାର କଥାକହେ - ଚେତନାମୂଳରେ ଚୋଟମାରେ । ମୂଳରୁ କବିତା ଆଡ଼କୁ ଶୋଷି ହୋଇଯିବାର ଅଭିଜ୍ଞତା ସଂପର୍କରେ କହିବା ଦୁରୂହ । ମୋ ବୋଉ ପିଲାଦିନେ 'ମୋ କାନ୍ତ ଗଲେ ମୃଗମାରି, ହେ ବନଗିରି, ହେ ଲତାଗିରି', ଗାଉଥିବା ବେଳେ ମୁଁ ତାକୁ ଶୁଣୁଥିଲି ଏବଂ ଏକାରି ପିଲାବେଳୁ ବାଆଁରେଇ ବାଆଁରେଇ ଗୀତ (ପରବର୍ତ୍ତୀ ପର୍ଯ୍ୟାୟରେ କବିତା) ଆଡକୁ ହାତ ବଢ଼ାଉଥିଲି । ମୋ ସୃଜନର ଆଦ୍ୟ ସ୍ଫୁରଣରେ ବୋଉର ଭୂମିକା ନିଶ୍ଚୟ ତାତ୍ପର୍ଯ୍ୟ ପୂର୍ଣ୍ଣ । ତା' ପରେ ସ୍ମୃତି ଓ ଦୁଃଖ-ଯାପନ ହିଁ କବିତା ଆଡ଼କୁ ଯିବାର ଅନ୍ୟତମ କୁହୁକିତ ରାସ୍ତା !

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଆକାଶ, ଜହ୍ନ, ଛାୟାପଥ, ଏକତାରା ମଣିଷମରା, ଲଟାବିଜୁଳି ଓ ସର୍ବୋପରି ବିଜୁଳିର ଲାଇଟର୍‌ରେ ନିଆଁ ଲଗେଇ ବିଡ଼ି ଟାଣିବା; ମୋର ପ୍ରାଥମିକ ସାରସ୍ୱତ ପ୍ରେରଣା ! ୧୯୬୮ ମସିହାରେ କେନ୍ଦ୍ରାପଡ଼ା କଲେଜର ଦୁଇ ସୁନାମଧନ୍ୟ ଅଧ୍ୟାପକ ବିଶିଷ୍ଟ କବି ଦୀପକ ମିଶ୍ର ଓ ବିଶିଷ୍ଟ କଥାକାର ରାମଚନ୍ଦ୍ର ବେହେରାଙ୍କୁ ମୋର ଆଦ୍ୟଗୁରୁ ଭାବେ ସ୍ମରଣ କରୁଚି । କଲେଜର ଗୋଟେ କବିତା ପ୍ରତିଯୋଗିତାରେ ମୁଁ ଅଂଶଗ୍ରହଣ କରିଥିଲି । ସେ କବିତା ମୋର ଏବେ ବି ମନେ ଛି, 'ବସନ୍ତ ଆସିଛି ଆଜି ପ୍ରଥମ ଯୌବନ ପ୍ରାପ୍ତା ସ୍କୁଲ ଛାତ୍ରୀ ଫ୍ରକ୍‌ର ଖେଳ ପଡ଼ିଆରେ'; ମୋତେ ଏବେ ବି ସ୍ମୃତିର ମୋତି ଆଡ଼କୁ ଫେରସ୍ତ ହେବାକୁ ବାଧ କରେ, ମୋର ଅଲକ୍ଷ୍ୟରେ ! ମନେ ପଡୁଛି ଦୀପକ୍ ସାର କଲେଜ ପଡ଼ିଆରେ ଖୋଜି ଖୋଜି କୁଣ୍ଢାଇ ପକାଇଥିଲେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ମୁଁ ଏତେ ଆତ୍ମମଗ୍ନ ଯେ କବିତା ଲେଖି ପତ୍ରପତ୍ରିକାରେ ପ୍ରକାଶନ ପାଇଁ ପଠାଇବା ବଡ଼ ଦୁରୂହ ବ୍ୟାପାର । ଗାଳ୍ପିକ ରାମଚନ୍ଦ୍ର ବେହେରା ମତେ ଉସୁକାଉଥିଲେ । ଶେଷରେ ଓଡ଼ିଆ ବିଭାଗର ମୁଖପତ୍ରରେ ମୋର କବିତା ପ୍ରକାଶିତ ହେଲା । କବି ବ୍ରାହ୍ମାନନ୍ଦ ଦାସ, ଯେ କି ଓଡ଼ିଆ ବିଭାଗର ମୁଖ୍ୟ ଥିଲେ ତାଙ୍କୁ ଏ ମୁହୂର୍ତ୍ତରେ ସ୍ମରଣ କରିବି । କବୀ ଅପର୍ଣ୍ଣା ମହାନ୍ତି ମୋର କ୍ଲାସମେଟ୍ ଥିଲେ। କଲେଜ ମୁଖପତ୍ର ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ମୋର କବିତା ପ୍ରକାଶିତ ଓ ପ୍ରସାରିତ ହେଲା । ବିଧିବଦ୍ଧ ଭାବରେ ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଆଦ୍ୟ ଲେଖର ପ୍ରାରବ୍‌ଧ ଧାମନଗର ମହାବିଦ୍ୟାଳୟରୁ । ମୁଁ କିଂତୁ ଯାଜପୁର ସହରରେ ଅଧିକାଂଶ ସମୟରେ ଶ୍ୱଶୁର ଘରେ ରହି ଯିବା ଆସିବା କରୁଥିଲି ଧାମନଗରକୁ । କବି ବସନ୍ତ ମୁଦୁଲି ସେତେବେଳେ ଯାଜପୁର ସହରରେ ଶିକ୍ଷକତା କରୁଥିଲେ ଏବଂ ଗାଳ୍ପିକ ରଜନୀକାନ୍ତ ମହାନ୍ତି ବି ସେତେବେଳେ ଯାଜପୁରରେ ରହୁଥିଲେ । ଯୁଆଡ଼େ ଗଲେ ସାହିତ୍ୟ । ପାଗ ଅନୁକୂଳ । ସବୁବେଳେ ବସନ୍ତ ମୋ ପାଖକୁ ଧାଇଁ ଆସେ । କେତେବେଳେ ବୈତରଣୀ ବାଲିରେ ରଖୁ କବିତାର ପଦଚିହ୍ନ । ପ୍ରେତ ନଦୀରୁ ଶିଖୁ ଜୀବନ ଓ ମୃତ୍ୟୁ କେତେ ପାଖାପାଖି ଓ ଅନ୍ତରଙ୍ଗ । ସିଆଡ଼େ ଆମ କଲେଜରେ ମୋ ସହିତ ଯୋଡ଼ି ହୁଅନ୍ତି କବି ଅବନୀ ପ୍ରଧାନ ଓ କବି ଓ ଅନୁବାଦକ ସୋମନାଥ ଓଝା ଓ ପ୍ରିୟ ଛାତ୍ରଦ୍ୱୟ ! ଏବକାର କବି କିଶୋର ପାଣିଗ୍ରାହୀ ଓ କବି ସୁବ୍ରତ ଦାସ । ବେଳେବେଳେ ମୋ ଧାମନଗର କୋଠରୀ ଭିତରକୁ ଝଡ଼ଭଳି ଠେଲି ହୋଇ ଆସନ୍ତି ବିଶିଷ୍ଟ କଥାକାର ଭୀମପୃଷ୍ଟି ଓ ଅନ୍ୟମାନେ । କବିତା 'ଆସନ୍ତାକାଲି', 'ପ୍ରତିବେଶୀ', 'ସମାବେଶ' ଓ 'ଝଙ୍କାର'ରେ ପ୍ରକାଶପାଏ । ବସନ୍ତ, ଅବନୀ, ସୋମନାଥଙ୍କ ସହିତ କବିତା ପ୍ରକାଶନରେ ବସନ୍ତ ଓ ମୁଁ ଖୁସିରେ ଆତ୍ମହରା ହେଉ । କିଛି ଦିନପରେ ବସନ୍ତ ଆମ ସମସ୍ତଙ୍କୁ ଛାଡ଼ି ଏକ ଦାରୁଣ ଦୁର୍ଘଟଣାରେ ଆରପାରିକୁ ଯାଏ । ୟା' ଭିତରେ ସେତେବେଳେ କଲିକତାରେ ପ୍ରକାଶିତ 'ସମାବେଶ' ଓ 'ପ୍ରତିବେଶୀ' ସହିତ ଜଡ଼ିତ ଥିବା କବି ଅମରେଶ ପଟ୍ଟନାୟକ, କବି ହରପ୍ରସାଦ ଓ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସହିତ ଆତ୍ମୀୟତା ବଢ଼ିଚାଲିଥାଏ । ନିର୍ଦ୍ଦିଷ୍ଟ କେଉଁ ଲକ୍ଷ୍ୟ ଓ ଆଦର୍ଶକୁ ନେଇ ମୋର ଯାତ୍ରା ସୀମାବଦ୍ଧ ନୁହେଁ, ଏବେ ବି ! କବିତା କିସିକୋ ମାର୍‌ନେହି ସକ୍‌ତେ ଶିବା ଆପ୍‌ନି ରଚୟିତା କୋ' । ଯିଏ କବିତା ଲେଖିଲା, ତାକୁଇ ପ୍ରଥମେ କବିତା ହତ୍ୟା କରେ !

■ ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କ'ଣ କହିବେ ?

■■ 'ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ' ବୋଲି ଯାହା କୁହାଯାଉଛି, ତାହା ଏକ ପ୍ରହେଳିକା ମାତ୍ର । କାରଣ ପ୍ରତ୍ୟେକ ଶିଳ୍ପୀ ନିରୁତା ଆତ୍ମ ଲେଖନ କରିଥାନ୍ତି ଶିଳ୍ପରେ । କବିତା ଭଳି ଶିଳ୍ପକର୍ମରେ ଏଇ ବ୍ୟକ୍ତିଗତ ଆଚରଣ ଯୋଗୁଁ ହୁଏତ ପାଠକ ତା' ପାଖରେ ପହଞ୍ଚିବାକୁ ନୟାନ୍ତ ହେଇଥିଲା, ହେଉଥିବା ସୃଜନଶୀଳତା ଏବଂ ଉଦାରତା ଏକ ଅତ୍ୟନ୍ତ ନିବିଷ୍ଟତା ଓ ଆତ୍ମୋତ୍ସର୍ଗର କଳା ହୋଇଥିବାରୁ ତହିଁରେ ବିରୋଧାଭାସ ଆସିଲା କେଉଁଠୁ ?

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମୋର ଧାରଣା, ମାତୃଭାଷା କେବେ ସଂକଟରେ ନଥିଲା । ସାହିତ୍ୟ ବାହାରେ ଲୋକଗଳ୍ପ, ଢଗଢମାଳି ଓ ଧର୍ମକୁ ଆଧାର କରି ରାମାୟଣ ଓ ଭାଗବତ ବହୁ ପୂର୍ବରୁ ସୃଷ୍ଟି ହୋଇ ସାରିଥିଲା । ତେଣୁ ମାତୃଭାଷା ବଂଚିଛି ଓ ବଂଚି ରହିବ । ଅନେକ ନିରକ୍ଷର ବି ମାତୃଭାଷାରେ କଥାବାର୍ତ୍ତା କରୁଛନ୍ତି । ସହରରେ ବଂଚୁଥିବା ଅଳ୍ପ କିଛି ଲୋକ, ସେମାନଙ୍କ ପରସେନ୍‌ଟେଜ୍ ବହୁତ କମ୍, ଟିଭି, ରେଡିଓ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଇଂରାଜୀ ଭାଷାକୁ ଆପଣେଇ ନିଜ ଭାଷାରେ ପ୍ରୟୋଗ କରୁଛନ୍ତି, ଏଥିରେ ଯାଏ ଆସେ କିଛି ନାହିଁ । ହିନ୍ଦୀର ଅନେକ ଶବ୍ଦକୁ ତ ଆମେ ଆପଣେଇ ନେଲେଣି । ତା' ପରେ ସାହିତ୍ୟର ଗୁଣ କେବଳ ଭାଷାକୁ ବଞ୍ଚେଇବାରେ ଉଦ୍ଦିଷ୍ଟ ନୁହେଁ । ରାଧାନାଥ, ଗୌରୀଶଙ୍କର କିମ୍ବା ଫକୀରମୋହନ ସାହିତ୍ୟ ସୃଷ୍ଟି କରିବା ମାଧ୍ୟମରେ ହୁଏତ ଆମର ମାତୃଭାଷାକୁ ବଞ୍ଚେଇବାକୁ ଉଦ୍ୟମ କରିଛନ୍ତି, କିନ୍ତୁ ତାହା ନ ହୋଇଥିଲେ କଣ ଆମ ଭାଷା ଓ ସାହିତ୍ୟ ଲୋପ ପାଇ ଯାଇଥାନ୍ତା ? ସାରଳାଙ୍କ ମହାଭାରତ, ବଳରାମଙ୍କ ଦାଣ୍ଡି ରାମାୟଣ ଓ ଜଗନ୍ନାଥଙ୍କ ଭାଗବତ ଉପରେ ତ ଆରମ୍ଭରୁ ପ୍ରଚଣ୍ଡ ଆକ୍ରମଣ କରାଯାଇଥିଲା । କିନ୍ତୁ କୁହନ୍ତୁ ତ 'ସନ୍ଧ୍ୟା ଯାହାର ନିଜବାସ +++ ପକ୍ଷୀଏ ଯାର ବ୍ୟାକରଣ' ଠାରୁ ତରଳତମ କବିତାର ଧାଡ଼ି ଆଉ ଅଛି କି ? ଏଇଠୁ ବୋଧହୁଏ ମଡର୍ଣ୍ଣ ଓଡ଼ିଆ ଭାଷାର, ପ୍ରକୃତ ଓଡ଼ିଆ କବିତାର ଅୟମାରମ୍ଭ । ଅଧିକ କିଛି କହିବି ନାହିଁ ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସଂଭବ କି ?

■■ କବିତାର ଭବିଷ୍ୟତକୁ ନେଇ ଖୁବ୍ ଆଶାବାଦୀ । କବିତାର ପାଠକ ସଦାକାଳେ କ୍ଷୀଣ । ଏପରିକି ଉପେନ୍ଦ୍ର ଭଞ୍ଜ ଓ ଦୀନକୃଷ୍ଣଙ୍କ ସମୟରୁ । ଭବଭୂତି କହିଥିଲେ ଯେ ଏବେ ଯଦି ମୋ କବିତାକୁ ପାଠକ ନ ପଢୁଛନ୍ତି କି ନ ବୁଝୁଛନ୍ତି, ତେବେ ଆହୁରି ଶହେବର୍ଷ ପରେ ଲୋକେ ମୋ କବିତାକୁ ବୁଝିବେ । ଜୀବନାନନ୍ଦ ଯେତେବେଳେ କବିତା ଲେଖୁଥିଲେ, ପାଠକେ ଥଟ୍ଟା କରୁଥିଲେ । ରମାକାନ୍ତ ରଥଂକୁ ଥଟ୍ଟା କରିଥିଲେ କବି ମାୟାଧର ମାନସିଂ । ପରବର୍ତ୍ତୀ ପର୍ଯ୍ୟାୟରେ 'ଶ୍ରୀରାଧା' ବହୁ ପଠିତ । ସେଇଭଳି କବି ସୌଭାଗ୍ୟ ମିଶ୍ରଙ୍କ 'ବଜ୍ରଯାନ' ଓ କବି ହରପ୍ରସାଦ ଦାସଙ୍କ 'ଅର୍ଥ ସହିତ ଶତ୍ରୁତା'ରେ କବିତାର ଦୃଢ଼ ଭବିଷ୍ୟତକୁ ଚିହ୍ନଟ କରାଯାଇପାରେ । କବିତା ଧର୍ମୋପଦେଶ ଭଳି ନୁହେଁ, ଆସ୍ତେ ଆସ୍ତେ ତାହା ସ୍ନାୟୁଗତ ହୁଏ । କବିତା ଚେତନା ସ୍ତରରେ ସଂକ୍ରମିତ ହୁଏ।


■ ଓଡ଼ିଆ ସାହିତ୍ୟ ବିଶେଷ କରି କବିତାର ପାଠକଂକୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ମୂଳରୁ କହିଚି କବିତା ଏକ ମାରାତ୍ମକ ସୂକ୍ଷ୍ମଶିଳ୍ପ । Litereture is always, personal, one mans experience and one mans version of the world. ସାହିତ୍ୟ ବ୍ୟକ୍ତିଗତ ହେବାକୁ ବାଧ ଯେମିତି । ଅଧିକାଂଶ ଶିକ୍ଷିତ ଲୋକ ସାହିତ୍ୟ ପଢ଼ନ୍ତିନି। ଯଦି ସାହିତ୍ୟିକର ଉଦ୍ଦେଶ୍ୟ ହୁଏ ସାଧାରଣ ଲୋକଙ୍କ ପାଖକୁ ଯିବାକୁ, ତେବେ ସାହିତ୍ୟର ଅଧୋଗତି ହିଁ ନିଶ୍ଚୟ । ତା' ପରେ କବିତା-କବିକୁ ଏତେ ବଡ଼ ବୋଝ ନେଇ ପାଠକ ପାଖକୁ ଯାଇପାରିବ ନାହିଁ । ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକ ପାଖରୁ ଦୂରାଉଛି ବୋଲି ଯାହା ଆଶଙ୍କା କରାଯାଉଛି, ତାହା ଅମୂଳକ । ମୁଁ ଦେଖୁଛି ଫେସବୁକ୍ କିମ୍ବା ଅନ୍ୟାନ୍ୟ ବିଭାଗମାନଙ୍କରେ ଯେଉଁଭଳି ଭାବେ କବିତା ଛଡ଼ାଯାଉଛି, ତାକୁ ସେହି କବିମାନେ କିମ୍ବା ଅତ୍ୟନ୍ତ ଉଦାରଶୀଳ ସାହିତ୍ୟପ୍ରାଣ ମଣିଷମାନେ ହିଁ ପଢୁଛନ୍ତି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ସ୍ଥପତି ରାମକିଙ୍କର ଶାନ୍ତି ନିକେତନର ସୁରମ୍ୟ ପ୍ରାସାଦ ଓ ପୁରସ୍କାରକୁ ତୁଚ୍ଛ କରିଥିଲେ । ଔପନ୍ୟାସିକ ସମରେଶ ବସୁ 'ଦେଖିନାହିଁ ଫିରେ' (ଅସଂପୂର୍ଣ୍ଣ) ଉପନ୍ୟାସ ରଚନା କରିବା ପୂର୍ବରୁ ରାମକିଙ୍କରଙ୍କ ଉପରେ ତଥ୍ୟାବଳୀ ସଂଗ୍ରହରେ ଦଶବର୍ଷ ବିତାଇ ଦେଇଥିଲେ । 'ରୌଦ୍ରଦଗ୍‌ଧ ଦୀଘବେଲା' ପରିଚ୍ଛଦ ଲେଖୁ ଲେଖୁ ସମରେଶଙ୍କର ବି ମହାପ୍ରୟାଣ ହେଲା । ରାମକିଙ୍କର କିମ୍ବା ସମରେଶ ଯଥାକ୍ରମେ ସେମାନଙ୍କ ଶିଳ୍ପ ଏବଂ ସାହିତ୍ୟ ପାଇଁ କେଉଁ ପୁରସ୍କାରକୁ ଅପେକ୍ଷା ରଖିଥିଲେ ? ପୁରସ୍କାରର ଜୀବନରେ କୌଣସି ଗୁରୁତ୍ୱ ନାହିଁ, ତାହା କେବଳ ଗୋଟିଏ ଫାଶ ସଦୃଶ । ସାହିତ୍ୟ ମାଧ୍ୟମରେ ଲେଖକ ବାର୍ତ୍ତା ଦିଏ ନାହିଁ, ତାହା ହୁଏତ ବେଳେବେଳେ ସମାଜରେ ମୃଦୁ aŽýÙG új ÙA _j *óÙG ö ♥♥

■ ଅଳ୍ପରେ କବି ବିଜୟ ମହାପାତ୍ର ...




ଜନ୍ମ--୦୫ ମଇ, ୧୯୫୨

ବର୍ତ୍ତମାନର ଠିକଣା :
ଶ୍ୟାମପୁର, ଦୁର୍ଗା ମାଧବ ନଗର, ଲେନ୍-୩
ଡାକଘର- ମହାଲକ୍ଷ୍ମୀ ବିହାର,
ଭୁବନେଶ୍ୱର- ୭୫୧୦୨୯
ମୋ: ୮୨୪୯୦୭୯୮୫୩

■ ପ୍ରକାଶିତ ପୁସ୍ତକ ■

ସମାଲୋଚକ ଗ୍ରନ୍ଥ
୧- ମୟୂର କଣ୍ଠି ନୌକାଟିଏ

କବିତା
୧-ଭ୍ରମଭ୍ରମଣ
୨- ଗଭୀର ହେବା ଯାଏଁ
୩--ଅଶ୍ରୁଅନଳ



ନାତି, ନାତୁଣୀ ଓ ପତ୍ନୀଙ୍କ ସହ କବି ବିଜୟ ମହାପାତ୍ର



ପରିବାର ସଦସ୍ୟଙ୍କ ସହ କବି ବିଜୟ ମହାପାତ୍ର...



ଗଙ୍ଗାଧର ବିଶ୍ୱାଳ

ମୋ ଭିତରେ ମାନସିକ ସଂତୁଳନ, ଦ୍ୱନ୍ଦ୍ୱ ଓ ସକାରାତ୍ମକ ଅଥବ ନକାରାତ୍ମକ ସତ୍ତାର କାୟା ପ୍ରବେଶର ଅବଧି ଯାବତ୍ ସମୟ ଅତିକ୍ରମ ନ କରିବାଯାଏ ମୁଁ ଅପ୍ରସ୍ତୁତ ଥାଏ, ସୃଜନଶୀଳ ଲେଖାଲେଖିରେ ବ୍ୟକ୍ତି ସତ୍ତା ଓ ଲେଖକ ସତ୍ତାର ତୁଳନାତ୍ମକ ଭାରସାମ୍ୟ ହରାଇ ବସିଲେ ବିଚରା ପାଠକ, ପ୍ରିୟ ପାଠକ ପାଇବ କଣ ? ମୁଁ କେବେ କେବେ ଚେଷ୍ଟା କରିଥାଏ, ପାଠକଟିଏ ମୋ ଲେଖା ଭିତରକୁ ଆସୁ । ମୋ ଗପ ଭିତରେ ପଶୁ । ନିଜକୁ ଖୋଜୁ । 'ହଜିଲା ବଳଦ ଖୋଜିଲା ଠେଇଁ' ପରିକା ନିଜକୁ ପାଉ । ପ୍ରଶ୍ନ ପଚାରୁ, ମୋ କଥା ଗାଳ୍ପିକ ଗଂଗାଧର ବିଶ୍ୱାଳ ଜାଣିଲେ କେମିତି ?

## ପ୍ରିୟ ପାଠକ-୩୦

# ପ୍ରିୟ ପାଠକ ତାଲିକାର ପ୍ରଥମରେ ଥିବା ବ୍ୟକ୍ତି ଜଣକ ମୋ ଛଡ଼ା ଆଉ କେହି ହେଇପାରେନା

ଆଜିକାଲି ଗପ ଆଉ ଆଗଭଳି ଧରାଦେଉ ନାହିଁ । ଗପକୁ ଠାବ କରିବାକୁ ପଡୁଛି । ଗପ ଖୋଜିଯିବା ପାଇଁ ନିଜକୁ ପ୍ରସ୍ତୁତ କରି ବାହାରିଯିବାକୁ ପଡୁଛି ।

ଆଜିକାଲି ଗପ ସହିତ କଥାବାର୍ତ୍ତା କମି ଆସିଲାଣି । ମନ ମିଜାଜ୍‌କୁ ଭାଇରସ୍ କାବୁ କଲାଣି । ଦେହ ପା' ଭଲ ରହୁନାହିଁ । ଗପ କେମିତି ଛାଡ୍ ଛାଡ୍ ହେଲାଣି ।

ଆଗରୁ ତ ଏମିତି ଘଟୁ ନଥିଲା ! ଘଟୁଥିଲେ ବି ଜଣା ପଡୁ ନଥିଲା । ଏବେ ଏବେ କାହିଁକି ? ଏ ଏକ ସ୍ୱପ୍ନ । ଏକ ଆହ୍ୱାନ । ଏକ ଚେଲେଞ୍ଜ ।

ଏଥିରୁ ପ୍ରତିକାର ଓ ଉପଚାର କଣ ? ଏ ନେଇ ମୁଁ ଲଗାତାର କିଛିଦିନ ଧରି ଆକ୍ରାନ୍ତରେ ଅଛି । ସଂକ୍ରମଣରେ ଅଛି ।

ଅନେକ କଥା ଆସୁଛି ମନକୁ । ତନ୍ମଧ୍ୟରୁ ଗୋଟିଏ ହେଉଛି, ନିଜକୁ ଅକ୍ତିଆରରେ ରଖିବା । ନିଜକୁ ନିୟନ୍ତ୍ରଣରେ ରଖିବା । ଗପର ସନ୍ଧାନରେ ବାହାରିବା । ଗପ ପାଇଁ ମନ ମିଜାଜ୍‌କୁ ତାଜା କରିବା।

ମୁଁ କିଛିଦିନ ହେବ ଲକ୍ଷ୍ୟ କରି ଆସୁଛି, ଗପ ଲେଖିବା ପାଇଁ ନିଜକୁ ପ୍ରସ୍ତୁତ କଲାବେଳକୁ ମୋ ସାମ୍ନାରେ ଖାଲିଥିବା ଚେୟାରରେ କିଏ ଜଣେ ବସୁଛି । ଗପଲେଖା ପୂର୍ବରୁ ଛଟପଟପଣକୁ ନକଲ କରୁଛି। ଅପଲକ ଦୃଷ୍ଟିରେ ମୋ ଭାବଭଙ୍ଗୀ ଓ ଆଦବ କାଇଦା କସରତକୁ କପି କରୁଛି। କାଗଜ କଲମର ଗତିବିଧିକୁ ଅନୁକରଣ କରୁଛି ।

ମୋ ଜାଣିବାରେ ସେ ଜଣକ ଖାସ୍ ଜଣାଜଣା ନହେଲେ ବି ଅଜଣା ନୁହେଁ । ମୁଁ ତ କଂସାରୀ ଘରର ପାରା। ମୋର କଣ ଫରକ୍ ଯାଉଛି ? ମୁଁ ମୋ କାମରେ ରହୁଛି । ସିଏ ତା' କାମରେ ରହୁଛି । ପାଳଭୂତଟେ ହେଇ କିଆରୀ ମଝିରେ ଠିଆ ହୋଇଛି ଯାହା ।

ଏମିତିରେ ତ ଲେଖାଲେଖି ପାଇଁ ମୋର ସେମିତି କିଛି ଧରାବନ୍ଧା ସମୟ ନାହିଁ । ପରିବେଶ ନାହିଁ । ଲେଖିବା ପାଇଁ ବସିଲି ତ ଲେଖିଲି । ଲେଖିବା ପାଇଁ ଆଗ୍ରହ ହେଲା ନାହିଁ ତ ବନ୍ଦ କରି ଉଠିଲି । ତେଣିକି ଲେଖାଟି ଯେଉଁଠି ଥାଉ ନା କାହିଁକି ?

ସେଦିନ ଲେଖୁଥାଏ, ମୋ ସାମ୍ନାରେ ବସିଥାଏ ସିଏ । ଯାହା କଥା ମୁଁ କହି ଚାଲିଛି ଏଇନେ । ସିଏ ମୋ କାମରେ ଦଖଲ ଦେଉନି କି ମୋତେ ଅକଟ କରୁନି ଯେତେବେଳେ ମୁଁ ଅବା କାହିଁକି ପ୍ରତିବାଦ କରିବି । ବରଂ ତାକୁ ମୋର ସମର୍ଥକ ଅଥବା ପ୍ରତିଦ୍ୱନ୍ଦ୍ୱୀ ବୋଲି ଗ୍ରହଣ କରିନେବା ଉଚିତ ହେବ । ଏଇଆ ସିଦ୍ଧାନ୍ତ ନେଇ ମୁଁ ତା'ର ଉପସ୍ଥିତି କଥା ମନରୁ ପାଶୋରି ଦେଲି ।

ମୁଁ ମୋ କାମରେ ଥାଏ । କାହିଁକି ଗପ ଧରାଦେଉ ନାହିଁ । କାହିଁକି ଗପ ମୋ ସହିତ ଲୁଚକାଳି ଖେଳ ଖେଳୁଛି ? ଏ ନେଇ ମୋର ଉପାୟ କଣ ? କଣ କଲେ ସହଜରେ ମୁଁ ଏ ସମସ୍ୟାରୁ ରକ୍ଷା ପାଇ ପାରିବି ?

ମୋ ଜାଣିବାରେ, ପ୍ରଥମେ ପ୍ରଥମେ ମୋ କଲମର ଲେଖା ବର୍ଷାଋତୁର ଦିନରାତି ପରି ଅଚାନକ, ଅବିରତ, ସମୟ ଅସମୟ ଓ ପ୍ରଗଲ୍‌ଭ ଥିଲା । ସମୟ କ୍ରମେ, ବୟସକ୍ରମେ ବର୍ଷର ସବୁଋତୁ ପରି ହେବାକୁ ଲାଗିଲା । ଅଭ୍ୟାସ ହେଇଗଲା ସେସବୁ । ଏମିତି ଏମିତି ବିତିଗଲାଣି ପଇଁଚାଳିଶ ବର୍ଷ । ୟା' ଭିତରେ କେତେ କ'ଣ ସବୁ ସାମ୍ନା ନ କରିଛି, ଏ ଦେହ । ଏ ମନ ।

ଏଇନେ କିନ୍ତୁ ଗପର ଲୁଚକାଳି ଖେଳ, ପିଲାଦିନର କଂକି, ପ୍ରଜାପତି ଧରା ଓ ସୀତାଚୋରୀ ଆଦି ଖେଳ ଖେଳୁଥିବା ଗପକୁ ଧରିବାକୁ ଚେଷ୍ଟା କଲାବେଳେ ହାତଗୋଡ଼ରେ ଫୁର୍ତ୍ତି କାହିଁ ? ଚହଟ ଚିକ୍କଣ ମନ ସିଲଟର ପିଠିରେ କାହିଁ ପ୍ରେମଚିଠିର ଅସଜଡ଼ା ଅକ୍ଷର ?

ମାନୁଚି, ପ୍ରଥମରୁ ମୋ କଲମର ଲେଖା ଉପରେ ନଜର ନଥିଲା କାହାରି । ସମୟ କ୍ରମେ ନଜର ତ ନଜର, ପାଠକମାନେ ସବାର୍ ହେଇଗଲେ । ଏହା ମୋର ମର୍ମେ ମର୍ମେ ହୃଦ୍‌ବୋଧ ହୋଇଛି । ଆଗରୁ ମୋ ଅଜ୍ଞାତସାରରେ ପାଠକମାନେ ଅବଶ୍ୟ ଛପା ଅକ୍ଷରର ଚେହେରା ଉପରେ ଦୃଷ୍ଟି ଆରୋପ କରୁଥିବାର ଚାକ୍ଷୁସ ହୋଇଛି । ଏଣିକି ଗପ ଲେଖା ସମୟର ଅକ୍ଷର ପ୍ରେମରେ ପଡ଼ିବା ବେଳକୁ ମୁଁ ଅନନୋପାୟ । ଏପରି କାହିଁକି, ଏ ମୋ ପାଇଁ ଏକ ପ୍ରଶ୍ନ ।

ଆଜି ମୋର କଥାଟିଏ କହିବାର ଅଛି । ଏକମାତ୍ର କଥା । ତାହା ପୁଣି, ଗାଳ୍ପିକ ତପନ ମହାପାତ୍ର, ନୟାଗଡ଼ଙ୍କୁ କଲମର ଅକ୍ଷରରେ, ମୋର ପ୍ରିୟ ପାଠକଙ୍କ କଥା ପ୍ରସଂସଗରେ । ତା' ଆଗରୁ କହିରଖେ, ପ୍ରଶ୍ନଟିଏ ମୋ ନିଜ ପାଇଁ । ମୁଁ କାହିଁକି ଲେଖେ ? କି ଉତ୍ତର ଅଛି ଏ ପ୍ରଶ୍ନର । ଏହାର ଉତ୍ତର ନାହିଁ କାହିଁକି, ଅଛି । ଉତ୍ତର ଦେବା ଆଗରୁ ପାଠକଟିଏକୁ ଯଦି ପଚରାଯାଏ, କାହିଁକି ପଢ଼ ? ନିଶ୍ଚୟ ଉତ୍ତର ଦେବ, 'Those who keep learning will keep rising in life'.- charlie manager ମୋର ଉତ୍ତର ହେଉଛି, 'If a writer stops observing, he is finishied. Experience is communicated by small details intimeately observed.??

-Ermest Hemingray

ମୋ ଜାଣିବାରେ, ପ୍ରଥମେ ପ୍ରଥମେ ମୋ କଲମର ଲେଖା ବର୍ଷାଋତୁର ଦିନରାତି ପରି ଅଚାନକ, ଅବିରତ, ସମୟ ଅସମୟ ଓ ପ୍ରଗଲ୍‌ଭ ଥିଲା । ସମୟ କ୍ରମେ, ବୟସକ୍ରମେ ବର୍ଷର ସବୁଋତୁ ପରି ହେବାକୁ ଲାଗିଲା । ଅଭ୍ୟାସ ହେଇଗଲା ସେସବୁ । ଏମିତି ଏମିତି ବିତିଗଲାଣି ପଇଁଚାଳିଶ ବର୍ଷ ।

ଅତି ସହଜରେ ଓ ସରଳ ଭାବରେ କୁହାଯାଇପାରେ, ଲେଖକଟି ଲେଖିବ ନାହିଁ କେମିତି ? ଆଉ ସାମାନ୍ୟ ଭାରି କଥାଟିଏ କହିଲେ ଏଇଆ ଯେ, ମୋତେ ଲାଗେ ମୁଁ ଯେମିତି ଲେଖାଲେଖି କରିବା ପାଇଁ ଜନ୍ମ ନେଇଛି ଅବା ! ?

ମୋ ଭିତରେ ମାନସିକ ସଂତୁଳନ, ଦ୍ୱନ୍ଦ୍ୱ ଓ ସକାରାତ୍ମକ ଅଥବ ନକାରାତ୍ମକ ସତ୍ତାର କାୟା ପ୍ରବେଶର ଅବଧି ଯାବତ୍ ସମୟ ଅତିକ୍ରମ ନ କରିବାଯାଏ ମୁଁ ଅପ୍ରସ୍ତୁତ ଥାଏ, ସୃଜନଶୀଳ ଲେଖାଲେଖିରେ ବ୍ୟକ୍ତି ସତ୍ତା ଓ ଲେଖକ ସତ୍ତାର ତୁଳନାତ୍ମକ ଭାରସାମ୍ୟ ହରାଇ ବସିଲେ ବିଚରା ପାଠକ, ପ୍ରିୟ ପାଠକ ପାଇବ କଣ ? ମୁଁ କେବେ କେବେ ଚେଷ୍ଟା କରିଥାଏ, ପାଠକଟିଏ ମୋ ଲେଖା ଭିତରକୁ ଆସୁ । ମୋ ଗପ ଭିତରେ ପଶୁ । ନିଜକୁ ଖୋଜୁ । 'ହଜିଲା ବଳଦ ଖୋଜିଲା ଠେଇଁ' ପରିକା ନିଜକୁ ପାଉ । ପ୍ରଶ୍ନ ପଚାରୁ, ମୋ କଥା ଗାଳ୍ପିକ ଗଂଗାଧର ବିଶ୍ୱାଳ ଜାଣିଲେ କେମିତି ?

ମୁଁ ମନେ ରଖିଛି, ମୋର ପ୍ରିୟ ପାଠକଙ୍କ କଥା ଲେଖିବା ପାଇଁ ବସିଛି । ଏଣୁ ପ୍ରଥମରୁ କହିବି, ଗଳ୍ପଧର୍ମୀ ଗଳ୍ପ ଲେଖା ଗାଳ୍ପିକ ମୁଁ । କାହାଣୀଧର୍ମୀ ଗଳ୍ପ ଯେ ମୋର ଆଉ ଏକ ପରିଚୟ । ମାତ୍ର ମୋ ଗଳ୍ପ ଭିତରେ ମୋତେ ଖୋଜିବା ପରିବର୍ତ୍ତେ ଆଉ କାହାକୁ ଖୋଜିଲେ ହୁଏତ ସନ୍ତୁଷ୍ଟ ହେବା ସମ୍ଭବ ନୁହେଁ । କିନ୍ତୁ ଅସନ୍ତୁଷ୍ଟ ହେବାର କୌଣସି କାରଣ ନାହିଁ । ତା'ଛଡ଼ା କଣ ଓ କେଉଁପରି ଅବସ୍ଥା ବ୍ୟବସ୍ଥା ଚକ୍ରରେ ଗପ କଥାବାର୍ତ୍ତା କରୁଛି, ସେଥିପ୍ରତି ପାଠକର ଲୟ ରହୁ । ଧୈର୍ଯ୍ୟ ରହୁ । ଗ୍ରହଣୀୟତା ଓ ଅଗ୍ରହଣୀୟତା ପାଠକର ବ୍ୟକ୍ତିଗତ ସ୍ୱାଧୀନତା । ଏଥିରେ ପ୍ରତିବନ୍ଧକ ନାହିଁ । ଆଟୋପ ନାହିଁ । ଅଂକୁଶ ନାହିଁ ।

ଆମେ ଲେଖକମାନେ ପାଠକଙ୍କ ପାଇଁ ଲେଖୁଛୁ। ଲେଖକ ଓ ପାଠକର ସଂପର୍କ ଖୁବ୍ ନିବିଡ଼ । ଆଉ ପ୍ରିୟ ଲେଖକ ଓ ପ୍ରିୟ ପାଠକଙ୍କ କଥା ବେଳକୁ ଏପରି ସଂପର୍କରେ ଗଭୀରତା କେଉଁଠି, ଆକଳନ କରି ହୁଏନାହିଁ ।

ମୁଁ ମଝିରେ ମଝିରେ ମୁହଁ ଉଠାଇ ସାମ୍ନାକୁ ଚାହୁଁଛି । ଯିଏ ପ୍ରଥମରୁ ବସିଥିବା କଥା କହିଛି, ସିଏ ବସିଛି । ମୋ କଲମରୁ ବାହାରି ଆସୁଥିବା ଗପ ପଢ଼ିବାରେ ଲାଗିଛି । କୌଣସି ଅନ୍ୟମନସ୍କତା ନାହିଁ । କୌଣସି ପ୍ରତିକ୍ରିୟା ନାହିଁ । ନିରବ ଦ୍ରଷ୍ଟା ସିଏ । ନିରବ ଶ୍ରୋତା ସିଏ । ଖୁବ୍ ଉତ୍ତମ ଲକ୍ଷଣ । ଲେଖକଟିଏ ପରି ଧୈର୍ଯ୍ୟଶୀଳ । ଯତ୍ନଶୀଳ । ମନନଶୀଳ ।

ମୋର ଲକ୍ଷ୍ୟ ରହୁଛି, ସାମ୍ନାରେ ବସିଥିବା ବ୍ୟକ୍ତିଜଣକର ପରିଚୟ କଣ ? କାହିଁକି ମୋ ପଛରେ ପଡ଼ିଛି ? ଉତ୍ତର ଏଇଆ କି ମୁଁ ଯେମିତି ଗପ ପଛରେ ପଡ଼ିଛି, ସେମିତି ସିଏ ମୋ ପଛରେ ପଡ଼ିଛି। ଉତ୍ତରଟିର ଆଂଶିକ ସତ୍ୟତା ତ ଅଛି । ତେବେ କେଉଁ ପରିଚୟ ଯଥାର୍ଥ ପରିଚୟ ହେବ, ଏଇ ଚିନ୍ତାରେ ମୁଁ ।



ପ୍ରିୟ ପାଠିକ

ମୁଁ ଜାଣୁଛି, ମୋ କଲମର ବେଗ ମନ୍ଥର ଅଛି । ଅକ୍ଷରମାନେ ବାଟହୁଡ଼ି ଯାଉଛନ୍ତି । କହିବାକୁ ଚାହୁଁଥିବା କଥା କହିପାରୁ ନାହାନ୍ତି । କିନ୍ତୁ କାହିଁକି ?

ମୋ କଲମ ମୋ ନିୟନ୍ତ୍ରଣ ବାହାରକୁ ନଯାଉ, ଏପରି ଅଭିପ୍ରାୟ ରହିଛି କି ବ୍ୟକ୍ତି ଜଣକର ? ମୋର ନିକଟତମ ଜଣେ କେହି କି ଆଉ ? ଯିଏ ଆକଟ କରୁଛି ଅନାବନା କଥା ନ କହିବା ପାଇଁ । ଏଣୁ ସଜାଗ, ସତର୍କ ହେଉଛି ମୁଁ ।

ବ୍ୟକ୍ତି ଜଣକର ପରିଚୟ ପାଇଁ ମୁଁ ଗପ ଲେଖାରୁ ବିରତ ହୋଇ କଲମ ଥୋଇ ଦେଉଛି । ମୁହାଁମୁହିଁ ହେଉଛି ଓ ପ୍ରଥମ ପ୍ରଶ୍ନଟି ପଚାରୁଛି, ତମେ କିଏ ?

ମୋ ପ୍ରଶ୍ନର ଉଚିତ୍ ଉତ୍ତର ଶୁଣାଇ ଦେଉଛି ବ୍ୟକ୍ତିଜଣକ, ମୁଁ ତମ ଲେଖାର ପ୍ରଥମ ପ୍ରିୟ ପାଠକ । ଉତ୍ତରଟି ମୋ ମନକୁ ପାଉଛି । ମୁଁ ବୁଝିଯାଉଛି, ପ୍ରିୟ ପାଠକ ତାଲିକାର ପ୍ରଥମରେ ଥିବା ବ୍ୟକ୍ତି ଜଣକ ମୋ ଛଡ଼ା ଆଉ କେହି ହେଇ ପାରେନା । ଏବଂ ପରେ ପରେ ମୋ ପ୍ରିୟ ପାଠକର ତାଲିକାରେ ଲେଖାଥିବା ନାମଗୁଡ଼ିକୁ ପଢ଼ିବା ଅପେକ୍ଷାରେ ରହେ ।

❤ ମୋ: ୯୪୩୭୧୨୯୨୬୫

# ଗଣପର୍ବ ନୂଆଖାଇ



ବିପିନବିହାରୀ ମହାନ୍ତି



ପ୍ରଚଳିତ ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ଅବସରରେ ଅର୍ଥାତ୍ ସୁନିଆଁ ବା ବାମନ ଜନ୍ମଦିନ ନୂଆଖାଇ ପାଳିତ ହୁଏ ଏବଂ ହେଉଥିଲା ମଧ୍ୟ । ଓଡ଼ିଶା ଉପକୂଳ ଅଂଚଳରେ ଢ଼ିପ ବା ପଠାଜମିରୁ ଲଘୁଧାନ ଏହି ମାସରେ ଅମଳ ହୁଏ । ପଶ୍ଚିମ ଓଡ଼ିଶାରେ ଆଦିବାସୀ ବହୁଳ ଅଂଚଳରେ ଏହି ମାସରେ ପାହାଡ଼ିଆ ଜମିରୁ ଧାନ ଫସଲ ଅମଳ ହୁଏ । ଏହି ନୂଆଧାନର ଚୂଡ଼ା ଓ ଚାଉଳକୁ ଆଧାର କରି ଭୋଗରାଗ ପ୍ରସ୍ତୁତ କରାଯାଇ ଦେବତାଙ୍କୁ ସମର୍ପଣ କରାଯାଏ ।

ନୂଆଖାଇ ଏକ କୃଷିଭିତ୍ତିକ ପର୍ବ। ଯେଉଁ କୃଷିଭିତ୍ତିକ ଚାଷ ଲବ୍ଧ ଫଳ, ଶସ୍ୟ ଏବଂ ଅନ୍ୟ କିଛି ପ୍ରଥମେ ଅନୁକୂଳ କରାଯାଇ ଦେବଦେବୀଙ୍କୁ ସମର୍ପଣ ପରେ ପରିବାର ସଦସ୍ୟମାନେ ଖାଆନ୍ତି, ତାକୁ ନୂଆଖାଇ କୁହାଯାଏ । ଏମିତିରେ ଧାନ 'ନୂଆଖାଇ' ଆମ୍ବ 'ନୂଆଖାଇ', 'ମହୁଲ ନୂଆଖାଇ' ଏବଂ କେତେ ନୂଆଖିଆ କଥାକୁ ବୁଝାଏ । ତେବେ ସଚରାଚରରେ ନୂଆଖାଇ କହିଲେ ସାଧାରଣତଃ ଭାଦ୍ରବ ମାସରେ ଖିଆ ଯାଉଥିବା ନୂଆଧାନରୁ ଉତ୍ପନ୍ନ ଚାଉଳ ବା ତହିଁରୁ ପ୍ରସ୍ତୁତ ଚୂଡ଼ା, ଅନ୍ନ, ଖିରୀ ବା ପିଠା ଇତ୍ୟାଦିକୁ ନୂଆକରି ଖାଇବା ଅର୍ଥରେ ବୁଝାଯାଏ । ଏ ପ୍ରଥା କେବେଠୁ ଚଳିଆସୁଛି ତାହା ବାସ୍ତବରେ କେହି କହିପାରିବେ ନାହିଁ ।

ପ୍ରଚଳିତ ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ଅବସରରେ ଅର୍ଥାତ୍ ସୁନିଆଁ ବା ବାମନ ଜନ୍ମଦିନ ନୂଆଖାଇ ପାଳିତ ହୁଏ ଏବଂ ହେଉଥିଲା ମଧ୍ୟ । ଓଡ଼ିଶା ଉପକୂଳ ଅଂଚଳରେ ଢ଼ିପ ବା ପଠାଜମିରୁ ଲଘୁଧାନ ଏହି ମାସରେ ଅମଳ ହୁଏ । ପଶ୍ଚିମ ଓଡ଼ିଶାରେ ଆଦିବାସୀ ବହୁଳ ଅଂଚଳରେ ଏହି ମାସରେ ପାହାଡ଼ିଆ ଜମିରୁ ଧାନ ଫସଲ ଅମଳ ହୁଏ । ଏହି ନୂଆଧାନର ଚୂଡ଼ା ଓ ଚାଉଳକୁ ଆଧାର କରି ଭୋଗରାଗ ପ୍ରସ୍ତୁତ କରାଯାଇ ଦେବତାଙ୍କୁ ସମର୍ପଣ କରାଯାଏ ।

ପଶ୍ଚିମ ଓଡ଼ିଶାରେ ଏହା ଏକ ପ୍ରସିଦ୍ଧ ଗଣପର୍ବ । ତେବେ ଏହା ଭାଦ୍ରବ ଶୁକ୍ଳ ଦ୍ୱାଦଶୀଦିନ ପାଳିତ ନହୋଇ ଭାଦ୍ରବ ଶୁକ୍ଳ ପଂଚମୀ ଦିନ ପାଳିତ ହୁଏ । ଏହା ମଧ୍ୟ ସବୁ ସ୍ଥାନରେ ସମାନ ନୁହେଁ । କାରଣ ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ଇଷ୍ଟଦେବ ଦେବୀଙ୍କ ନାମରେ ଲଗ୍ନ ସ୍ଥିର କରାଯାଇ ଅଥବା ପୂର୍ବତନ ଶାସକ ତଥା ରାଜା, ଜମିଦାର ବା ଗଉଁତିଆଙ୍କ ଜାତକ ସିଦ୍ଧ ବାହାର କରି ନବାନ୍ନ ଭକ୍ଷଣ ଲଗ୍ନ ନିଶ୍ଚିତ କରାଯାଏ । ଏଥିକୁ ମଧ୍ୟ ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦିଆଯାଏ ।

ଅନେକ ସ୍ଥାନରେ ଏହା ଏକାଧିକ ଦିବସ ଧରିଚାଲେ । କଳାହାଣ୍ଡିରେ ଏହି ପର୍ବ ଭାଦ୍ରବ ଶୁକ୍ଳ ପଂଚମୀ ଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲେ । ଏହି ସମୟରେ କଳାହାଣ୍ଡିର ସଂସ୍କୃତି ପରମ୍ପରାରେ 'ଘୁମୁରା' ନୃତ୍ୟର ଶୁଭାନୁକୂଳ ହୁଏ । ବଲାଙ୍ଗୀରରେ ରାକ୍ଷୀ ପଂଚମୀ ଦିନ ଅନୁକୂଳ ନୂଆଖାଇ ପର୍ବରେ ରାକ୍ଷୀବନ୍ଧନ ଉତ୍ସବ ପାଳନ କରାଯାଏ । ଉପକୂଳ ଅଂଚଳରେ ନୂଆଧାନର ଚୂଡ଼ାଘଷା, ମିଷ୍ଟାନ୍ନ, ପିଠା ଓ ଖିରୀ ଇତ୍ୟାଦି ପ୍ରସ୍ତୁତ ହୋଇ ଇଷ୍ଟ ଦେବାଦେବୀଙ୍କ ସମର୍ପଣ ପୂର୍ବକ ନୂଆଚାଉଳର ଭାତ ଖାଇବା ଆରମ୍ଭ କରାଯାଏ ।

ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଯଥାବିଧି ନବାନ୍ନ ଭକ୍ଷଣ ଉତ୍ସବ ପାଳିତ ହୁଏ । ଅନ୍ୟ ସ୍ଥାନମାନଙ୍କରେ ସ୍ଥାନୀୟ ମୁଖ୍ୟ ଇଷ୍ଟଦେବୀ ବା ଦେବତାଙ୍କୁ ଏହି ନବାନ୍ନ ସମର୍ପଣ ପରେ ଅନ୍ୟାନ୍ୟ ଦେବଦେବୀଙ୍କୁ ସମର୍ପଣ କରାଯାଇ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ ହୁଏ । ସମ୍ବଲପୁରର ସମ୍ବଲେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ବଲାଙ୍ଗୀରର ପାଟେଣିଶ୍ୱରୀ ଓ ସୋନପୁରର ସୁରେଶ୍ୱରୀ ପ୍ରଭୃତି ପଶ୍ଚିମାଂଚଳର ଏବଂ ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ 'ନୂଆଖାଇ ବେଳା' (ଲଗ୍ନ)ର ଉତ୍ସବ ମହା ଯାକଜମକରେ ପାଳିତ ହୁଏ ।

ନୂଆଖାଇ ପାଇଁ କିଛିଦିନ ପୂର୍ବରୁ ପ୍ରସ୍ତୁତି ଚାଲିଥାଏ । ପୂର୍ବଦିନ ଘରବାଡ଼ି ଓ ବଗିଚା ଇତ୍ୟାଦି ସଫାସୁତୁରା ସହ ଘର ଅଗଣା ଲିପାପୋଛା କରାଯାଏ । ନୂଆଖାଇ ଦିନ ପାହାନ୍ତା ପହରରୁ ଝିଅବୋହୂମାନେ ସ୍ନାନାଦି ନିତ୍ୟକର୍ମ ସାରି ଘରକୁ ପରିଷ୍କାର ପରିଚ୍ଛନ୍ନ କରନ୍ତି । ତାପରେ ନୂଆଧାନ କୁଟି ସେଥିରେ କ୍ଷୀର, ଘିଅ, ମହୁ ଓ କଦଳୀ ଇତ୍ୟାଦି ମିଶାଇ ନୂଆ ଭୋଗ ତିଆରି କରାଯାଏ। ପୂର୍ବରୁ ନୂଆ ହାଣ୍ଡି, ମାଠିଆ, ସରା ଓ ପଲମ ଇତ୍ୟାଦି କିଣି ପବିତ୍ରତା ସହ ସଜାଇ ରଖାଯାଇଥାଏ । ଏଥିରେ ନବାନ୍ନ ପ୍ରସ୍ତୁତି ହୁଏ ଓ ପିଠାପଣା ଇତ୍ୟାଦି ପ୍ରସ୍ତୁତ ହୁଏ । ଏହାପରେ ଇଷ୍ଟ ଦେବାଦେବୀ ଓ ପିତୃପକ୍ଷଙ୍କୁ ସମର୍ପଣ କରାଯାଏ । ଏଥୁଅନ୍ତେ ପ୍ରସ୍ତୁତ ଭୋଗ ବା ନବାନ୍ନ ଇତ୍ୟାଦି ଘର ବା ଗ୍ରାମର ମୁଖିଆଙ୍କ ଦ୍ୱାରା ପରିବେଷଣ କରାଯାଏ। ବ୍ରାହ୍ମଣମାନଙ୍କୁ ଏହି ଦିନ ମଧ୍ୟ ଦାନ ଭୋଜନ କରାଯାଏ ଏବଂ ଆଶ୍ରିତ ବା ହଳିଆମାନଙ୍କୁ ଚାଉଳ ଓ ନୂଆବସ୍ତ୍ର ସାହୁକାର ମାନେ ଦିଅନ୍ତି । ଏହି ଦିନ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ପରିବାରଠାରୁ ଦୂରରେ ରହିଥିବା ଭାଇବଂଧୁ ଓ ପରିଜନ ସମସ୍ତେ ଏହିଦିନ ଘରକୁ ଫେରନ୍ତି ଏବଂ ମିଳିତ ଭାବେ ନବାନ୍ନ ଭୋଜନ କରନ୍ତି । ସାନମାନେ ବଡ଼ଙ୍କୁ ପ୍ରଣାମ ଜଣାନ୍ତି ଓ ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ କରନ୍ତି । ଏହାକୁ କୁହାଯାଏ 'ନୂଆଁଖାଇ ଜୁହାର' । ସାଇପଡ଼ିଶା, ଭାଇବଂଧୁ ଓ କୁଟୁମ୍ବ ଭିତରେ ଥିବା ରାଗ, ରୂଷା, ମାନ, ଅଭିମାନ ଓ ମନୋମାଳିନ୍ୟ ବାଦବିବାଦ ତୁଟାଇ ସମସ୍ତେ ଏକାଠି ହୁଅନ୍ତି । ଏହାକୁ କୁହାଯାଏ 'ନୂଆଖାଇ ଭେଟଭାଟ' । ଏହିଦିନ ସମସ୍ତେ ଆନନ୍ଦରେ ବିଭୋର ଥାଆନ୍ତି ।

ଆଧୁନିକ ସଭ୍ୟତାରେ ଅନେକ ପଶ୍ଚିମାଂଚଳ ଲୋକ ଯେଉଁମାନେ ଏହି ପର୍ବ ସହିତ ସଂପୃକ୍ତ ସେମାନେ ତାଙ୍କ ଅଂଚଳ ବାହାରେ ସହରୀ ସଭ୍ୟତାରେ ଚାକିରି ବା ବସବାସ କରୁଥିଲେ, ଏହି ନୂଆଖାଇ ଅବସରରେ ଦୈବାତ୍ ଯଦି ନିଜ ନିଜ ଘରକୁ ଫେରିପାରନ୍ତି ନାହିଁ ସେମାନେ ସେସବୁ ସ୍ଥାନ ମାନଙ୍କରେ ଏକତ୍ରିକ ହୋଇ ନୂଆଖାଇ ଭେଟ୍‌ଭାଟ୍ ପାଳନ କରନ୍ତି ।

ଏକାଠି ଖାଇସାରିଲା ପରେ ଗାଁରେ ଖେଳ କସରତ ଚାଲେ : କୋଉଠି ମେଣ୍ଢା ଲଢ଼େଇ ତ, ଆଉ କୋଉଠି ନାଚଗୀତ ବା ସେମିତି କିଛି । ପିଲାରୁ ବୁଢ଼ାଯାଏଁ ଏଥିରେ ବିଭୋର । ଦିନଟି ଖିଆପିଆ, ଦିଆନିଆ ଓ ଖେଳକୁଦରେ କିପରି କଟିଯାଏ ଜାଣିହୁଏନା । ନୂଆଖାଇ ଗୀତ ଶୁଣାଏ :

"ମନୁଷ ଜାଏତ କେ
ଏକ କରବାକେ
ଫି ବଛର ଆଏବୁ ଧାଇଁ
ଜୀଁ ଜାଣିଥିଲେ ଆଏଲା ବଛର
କେ ଭେଟ ହେବା ତୁଇଁ ମୁଇଁ ।"

ଅର୍ଥାତ୍ ଜୀଇଁ ରହିଥିବାରୁ ନୂଆଖାଇରେ, ଜୀଇଁଥିଲେ ବା ବଂଚିଥିଲେ ଆସନ୍ତାବର୍ଷକୁ ପୁଣି ନୂଆଖାଇ ଶୁଭେଚ୍ଛା ଜଣାଇବୁ ଏହା ଭଗବାନ କରନ୍ତୁ । ଆଉ ବର୍ଷେ ଭଲରେ କଟିଯାଉ । ପୁଣି ଆସନ୍ତା ବର୍ଷ ନୂଆଖାଇରେ ଭେଟଭାଟ ହେବ ।

ନୂଆଖାଇ ପର୍ବ ଓଡ଼ିଶାର ଏକ ମହାନ୍ ସାମାଜିକ ଗଣପର୍ବ । ଏହା ଏ ସଂସ୍କୃତିର ଶାନ୍ତି, ମୈତ୍ରୀ, ପ୍ରଗତି ଓ ସଦ୍‌ଭାବନାର ପ୍ରତୀକ ।

❤ ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ :
ବିପିନ ବିହାରୀ ପାଠାଗାର,
ବିକାଶନଗର, ଜଟଣୀ,ଖୋର୍ଦ୍ଧା,
ମୋ- ୯୯୩୮୩୪୧୩୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୮ ସେପ୍ଟେମ୍ବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୪୦

# ଜୀବନର ଚରମ ଲକ୍ଷ୍ୟ

♥ ଲଳିତ ମୋହନ ମିଶ୍ର



ମନ ଶବ୍ଦରୁ ମାନସିକତାର ସୃଷ୍ଟି । ବ୍ୟକ୍ତିର ଯେପରି ମନ, ସେପରି ମାନସିକତା । ଅର୍ଥାତ୍ ନକାରାତ୍ମକ ବା ସକାରାତ୍ମକ ମାନସିକତା.. ମନଃ ସ୍ଥିତିର ପରିଣାମ। ମନର ତିନୋଟି ଅବସ୍ଥା - ପ୍ରଥମଟି ଜାଗୃତି, ଦ୍ୱିତୀୟଟି ଅବଚେତନ ଓ ତୃତୀୟଟି ଶୁଷୁପ୍ତି। ସଚେତନ ଅବସ୍ଥା ଅବଚେତନ ଅବସ୍ଥା ଯାହା ଜାଗ୍ରତ ମନ ଦ୍ୱାରା ଗ୍ରହଣୀୟ । ଅର୍ଥାତ୍ ଏକ ପ୍ରକାର ସୁପ୍ତ ଥିବା ନିଷ୍କ୍ରିୟ ସ୍ମୃତି । କୌଣସି ପରିସ୍ଥିତିରେ ବୁଝି ବିଚାରି ଚିନ୍ତା ନକରି ପ୍ରତିକ୍ରିୟା ଦେବା... ଅବଚେତନ ମନ ଦ୍ୱାରା ନିଷ୍କାସିତ ହୋଇଥାଏ । ଏହା ବ୍ୟତୀତ ମନୁଷ୍ୟର ଚାଲି ଚଳଣର ଅଭ୍ୟାସ ଶୈଳୀ ମଧ୍ୟ ଏହା ଦ୍ୱାରା ନିୟନ୍ତ୍ରିତ । ଏହା ସହିତ ସୁଷୁପ୍ତି ଅବସ୍ଥାରେ ମନୁଷ୍ୟର ମନ ଅସୀମ ସହିତ ଯୋଡି ହେବା ଅନୁଭବ କରିଥାଏ । ଏହାକୁ ମନର ସ୍ଥିତି ବା ଆତ୍ମସାକ୍ଷାତକାର କୁହାଯାଏ । ସଂସାରରେ ଭାବନାତ୍ମକ କାରବାର ସମାପ୍ତି କରି... ପବିତ୍ର ଆତ୍ମା ପରମାତ୍ମାଙ୍କ ସହିତ ଏକାଠି ହୋଇଯାଏ। ପୃଥିବୀର ଭୌତିକତାରେ ପ୍ରଭାବିତ ହୋଇ ଜାଗ୍ରତ ମନ... ମାୟା ପାଇଁ ବିଭିନ୍ନ ପ୍ରକାର ସୁଖ-ସୁବିଧା ଆପଣାଇବାକୁ ଇଚ୍ଛା କରେ । ଏହି କାରଣରୁ ସେ ଅନ୍ୟମାନଙ୍କ ସହିତ ଛଳନା କରେ... ମିଛ କହେ... ଏବଂ ଅନ୍ୟର ଅଧିକାର ଛଡ଼ାଇ ନେବାକୁ ପ୍ରୟାସ କରେ । ଅନୈତିକ କାର୍ଯ୍ୟଗୁଡ଼ିକ ନିଜ ଜୀବନର ମୂଲ୍ୟ ବୋଲି ବିବେଚନା କରେ । ଏହିଭଳି ଅନୈତିକ ମୂଲ୍ୟବୋଧ ଅବଚେତନ ମନରେ ପହଂଚି ତା'ର ମାନସିକତା ସ୍ଥିତିର ଏକ ଅଂଶ ପାଲଟିଯାଏ । ଏହି ମାନସିକତା ଥିବା ବ୍ୟକ୍ତିଙ୍କ ଆତ୍ମା ସର୍ବଦା ମୂଲ୍ୟବୋଧ ବିରୋଧରେ ସଂଘର୍ଷ କରେ । ବ୍ୟକ୍ତି ଏହି କାରଣରୁ ସକାରାତ୍ମକତା ଦେଖେଇ ହୁଏ, ଯାହାକୁ ଦେଖେଇ ହେବା ମାନସିକତା କୁହାଯାଏ। ଏହିଭଳି ମାନସିକତାର ପରିଣାମ ସ୍ୱରୂପ ବ୍ୟକ୍ତି... ମାନସିକ ଶାରୀରିକ ସ୍ଥିତିରେ ଅବସାଦ, ମଧୁମେହ, ଉଚ୍ଚ ରକ୍ତଚାପ ଆଦି ରୋଗରେ ପୀଡ଼ିତ ହୁଏ । ଦେଖେଇ ହେବା ମାନସିକତା ବ୍ୟକ୍ତି... ନିଜ ଆତ୍ମା ସହିତ ଦ୍ୱନ୍ଦ କରି କରି କୁଟିଳ ଓ କଠୋର ହୋଇଯାଏ । ଗୋସ୍ୱାମୀ ତୁଳସୀଦାସ ଏଭଳି ବ୍ୟକ୍ତିଙ୍କୁ କୁଟିଳ, କଠୋର, କୁବୁଦ୍ଧି ଓ ଅଭାଗା ବୋଲି କୁହନ୍ତି । କାରଣ ଏଭଳି ବ୍ୟକ୍ତି ନିଜର କୁଟିଳତା ଓ କଠୋରପଣ ଦ୍ୱାରା ଆତ୍ମସାକ୍ଷାତକାରରୁ ଦୂରେଇ ଯାଆନ୍ତି। ଏହି ପ୍ରକାର ବ୍ୟକ୍ତି ଈଶ୍ୱରଙ୍କ ସାକ୍ଷାତକାର କରିପାରେ ନାହିଁ, ଯାହା ମାନବ ଜୀବନର ଚରମ ଲକ୍ଷ୍ୟ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ନୀରବ ସାକ୍ଷୀ

ଅନୀତା ପଟ୍ଟନାୟକ



ଗୁଡ଼ାଏ ବଗୁଲିଆ ପିଲା ପୁରୁଣା ସାଇକେଲ ଟାୟାର ଗାଁରେ ନୂଆ ନୂଆ ତିଆରି ହୋଇଥିବା ବିଜୁଳିବତୀ ଖୁଣ୍ଟ ତଳେ ନିଆଁ ଲଗାଉଥିଲେ। ମୁଁ ଦେଖିଲି ବିଜୁଳିବତୀ ଖୁଣ୍ଟି ତଳେ ଘୂର୍ଣ୍ଣିବାତ୍ୟା ଭଳି ଛୋଟ ଛୋଟ ପତଙ୍ଗ ଉଡିବୁଲୁଛନ୍ତି। ମୁଁ ପିଲାଙ୍କୁ ପଚାରିଲି ପିଲାମାନେ ତୁମେ ଟାୟାର କାହିଁକି ଜାଳୁଛ ? ସେମାନେ କହିଲେ, ବିଜୁଳିବତୀ ନଥିବା ସମୟରେ ବିଜୁଳିବତୀ ଖୁଣ୍ଟି ତଳେ ଉଡି ବୁଲୁଥିବା କୀଟପତଙ୍ଗ ଗୁଡ଼ିକ ଗଛ ଓ ବୁଦାମୂଳେ ଲୁଚି ରହିଥିଲେ। ଏବେ ଏବେ ଆମ ଘରକୁ ଆଲୁଅ ଆସିଥିବାରୁ ସେ ଆଲୁଅକୁ ଦେଖି କୀଟପତଙ୍ଗ ଗୁଡ଼ିକ ଘରେ ପଶୁଛନ୍ତି। ସେମାନେ ମତେ ବୁଝାଇ କହିଲେ, ଦୀପାବଳୀ ପୂର୍ବରୁ ଓ ଦୀପାବଳୀ ଦିନ ଏହି କୀଟପତଙ୍ଗ ଗୁଡ଼ାକୁ ନଷ୍ଟ କରିବାକୁ ପଡ଼େ ନଚେତ ଏଗୁଡ଼ାକ ଘରେ ଘରେ ପଶିଯିବେ ଓ ଘରେ ଲାଇଟ ଲିଭାଇବା ପରେ ଖଟରେ ଚଢ଼ି ଆମ କାନରେ ପଶିବେ।

ଏହି ସମୟରେ ଗୋଟେ ବଗୁଲିଆ ପିଲା ଟାୟାର ଉପରେ କିରୋସିନ ଢ଼ାଳି ଦିଆସିଲିରେ ଅଗ୍ନି ସଂଯୋଗ କଲା। ଟାୟାର ଗୁଡ଼ିକ ହୁତହୁତ ହୋଇ ଜଳି ଉଠିଲେ। ଭାବିଥିଲି ଷଡ଼ କୀଟପତଙ୍ଗ ଗୁଡ଼ିକ ନିଆଁକୁ ଦେଖି ଡରି ଅନ୍ୟ ବିଜୁଳି ଖୁଣ୍ଟି ନିକଟକୁ ଚାଲିଯିବେ କିନ୍ତୁ ଏ କ'ଣ ? ଘୂର୍ଣ୍ଣିବାତ୍ୟା ଭଳି ବୁଲୁଥିବା କୀଟପତଙ୍ଗ ଗୁଡ଼ିକ ବିଜୁଳିବତୀ ଆଲୁଅ ପାଖରୁ ତଳମୁହାଁ ହୋଇ, ଅଗ୍ନିରେ ନିଜକୁ ନିକ୍ଷେପ କରି ଶେଷ କରିଦେଉଥାନ୍ତି। ସେହିଦିନ ମୁଁ ବୁଝି ପାରିଥିଲି, ଶିକ୍ଷକ ଆମକୁ କାହିଁକି କହନ୍ତି 'ଭଲ କାମ କର, ଭଲ ଦେଖ ଓ ଭଲ କୁହ'। ଅନିରୁଦ୍ଧ ସାର, ପାଠ ପଢ଼ାଉଥିଲାବେଳେ କହୁଥିଲେ 'ଯେପରି ଦୃଷ୍ଟି, ସେପରି ସୃଷ୍ଟି'। ସେ କହୁଥିଲେ କର୍ମର ପ୍ରତିକ୍ରିୟା ଥାଏ। କେତେକ କର୍ମର ଫଳ ସଙ୍ଗେ ସଙ୍ଗେ ମିଳିଯାଇଥାଏ ଓ କେତେକ କର୍ମର ଫଳ ଡେରିରେ ମିଳିଥାଏ। ଆମେ କରିଥିବା ଖରାପ କର୍ମ, ଯାହା ସମାଜ ଦ୍ୱାରା ବା ଆଇନ ଦ୍ୱାରା ଅନୁମୋଦିତ ନୁହେଁ, ଭୁଲିଯାଇ ପାରୁ କିନ୍ତୁ ସମୟ ଭୁଲେ ନାହିଁ। ତାହାର ଫଳ ଆମକୁ ଦିନେ ନା ଦିନେ ଭୋଗ କରିବାକୁ ପଡ଼େ। କାରଣ ବିଜ୍ଞାନ କୁହେ ପ୍ରତ୍ୟେକ କର୍ମରେ ସମାନ ଓ ବିପରୀତ ପ୍ରତିକ୍ରିୟା ହୋଇଥାଏ। ମୁଁ ସେ ଦିନ ଅନିରୁଦ୍ଧ ସାର୍‌ଙ୍କୁ ପଚାରିଥିଲି, 'ସାର ! ଆପଣତ କହୁଥିଲେ ଆମ ସମସ୍ତଙ୍କ ମଧ୍ୟରେ ଆତ୍ମା ବିଦ୍ୟମାନ, ସେ ହିଁ ଆମ ଇନ୍ଦ୍ରିୟମାନଙ୍କୁ ଚଳାଉଛନ୍ତି। ଯଥା ଆଖି ମାଧ୍ୟମରେ ସେ ଦେଖନ୍ତି, କାନ ମାଧ୍ୟମରେ ସେ ଶୁଣନ୍ତି, ପାଟି ମାଧ୍ୟମରେ ସେ ସ୍ୱର ସୃଷ୍ଟି କରନ୍ତି ଓ ଖାଦ୍ୟ ଖାଆନ୍ତି। ନାକ ମାଧ୍ୟମରେ ସେ ଘ୍ରାଣ କରିଥାନ୍ତି ଓ ଚର୍ମ ମାଧ୍ୟମରେ ସ୍ପର୍ଶନ ଦ୍ୱାରା ସବୁ ଅନୁଭବ କରିପାରିଥାନ୍ତି। ସେ ଦିନ ଟାୟାର ଜାଳୁଥିବା ମୋର ଗୋଟିଏ ବଗୁଲିଆ ବନ୍ଧୁ ଶ୍ରେଣୀରେ ପଚାରିଥିଲା ସାର ! ଆମେ କର୍ମେନ୍ଦ୍ରିୟ ଦ୍ୱାରା ଦୁଷ୍କାମୀ କାମ କରୁଥିବାବେଳେ ଆମ ଭିତରେ ଥିବା ଭଗବାନ ବା ଆତ୍ମା କ'ଣ କରୁଥାନ୍ତି ?

ଏହାର ଉତ୍ତର ରଖି ଅନିରୁଦ୍ଧ ସାର କହିଥିଲେ, 'ଆତ୍ମା ଏକ ଶାଶ୍ୱତ ବ୍ରହ୍ମ।' ଆମର ଖରାପ କର୍ମର ସେ ହେଉଛନ୍ତି ନୀରବଦ୍ରଷ୍ଟା। ସେଥି ନିମନ୍ତେ ଆମେ କିପରି ଖରାପ କାମ କରିବା ନାହିଁ ଓ ମନ ମଧ୍ୟରେ ଗର୍ବ ଆଣିବା ନାହିଁ, ଭଗବାନ ଆମକୁ ବୁଦ୍ଧିପରି ଏକ ପବିତ୍ର ଜିନିଷ ଶରୀର ମଧ୍ୟରେ ବ୍ୟବହାର କରିବାକୁ ଦେଇଛନ୍ତି। ଡାକ୍ତର ସିନା ବଡ଼ପଣ ଦେଖାଇ କୁହେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ରୋଗୀକୁ ଭଲ କରିବାକୁ ଚେଷ୍ଟା କରୁଛି। ସେହି ସମୟରେ ନୀରବଦ୍ରଷ୍ଟା ହସୁଥାନ୍ତି କାରଣ ସେ ଜାଣିଥାନ୍ତି ଏ ରୋଗୀର ରକ୍ଷାକର୍ତ୍ତା ମୁଁ। କିନ୍ତୁ ଡାକ୍ତର ବାହାସ୍ଫୋଟ ମାରି କହୁଛି ମୁଁ ରୋଗୀକୁ ବଞ୍ଚାଇବାକୁ ଚେଷ୍ଟା କରୁଛି। ସରକାର ଖାଦ୍ୟ ଦେଇ ଲୋକଙ୍କର ଦାରିଦ୍ର୍ୟ ଦୂର କରିବାକୁ ଚେଷ୍ଟା କରୁଛି। କିନ୍ତୁ ପ୍ରକୃତ ରକ୍ଷାକର୍ତ୍ତା ଓ ଦାତା ହେଉଛନ୍ତି ଭଗବାନ। ସେ ଦିନର ବଗୁଲିଆ ପିଲାଙ୍କର ଟାୟାର ଜଳା ମୋ ଭିତରେ ଭୟ ସଂଚାର କଲା। କୀଟ ପତଙ୍ଗମାନଙ୍କର ଏକ ପ୍ରଚଣ୍ଡ ଦୃଷ୍ଟିଶକ୍ତି ଅଛି। ତାହା ସେମାନଙ୍କୁ ଅଗ୍ନିରେ ନିକ୍ଷେପ କରୁଛି। ମତେ କିନ୍ତୁ ପାଞ୍ଚୋଟି କର୍ମେନ୍ଦ୍ରିୟ ଦେଇଛନ୍ତି। ଯଦି ମୁଁ ମୋର ବୁଦ୍ଧି ଓ ବିବେକ ଦ୍ୱାରା ଏଗୁଡ଼ିକର ସଠିକ୍ ବ୍ୟବହାର ନକରେ, ମୋର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯିବାର ସମ୍ଭାବନା ରହିଛି। ତେଣୁ ଭଗବାନଙ୍କ ପାଖରେ ଜୋଡ଼ହସ୍ତରେ ପ୍ରାର୍ଥନା କଲି ମୋର ଇନ୍ଦ୍ରିୟଗୁଡ଼ିକ ଭଲ କର୍ମରେ ନିୟୋଜିତ ହେଉ।

+ଅବସରପ୍ରାପ୍ତ, ପ୍ରାଧ୍ୟାପିକା,
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୩୯)

## ସମୟର ଖେଳ

କଲେଜର ପ୍ରକୃତ ପରିଚାଳନା ସମିତି କେଉଁ ଗୋଟିକ, ତାହା ଜାଣିବା କଷ୍ଟକର ଥିଲା। କାରଣ ପରିଚାଳନା ସମିତି ଅଳ୍ପ ସମୟର ବ୍ୟବଧାନରେ ବଦଳୁ ଥାଏ ।

୧. ଏକ ପରିଚାଳନା ସମିତିର ସଭାପତି ଥିଲେ ଜଣେ ସାଂସଦ ଓ ସମ୍ପାଦକ ଥିଲେ ଜଣେ ଚତୁର ବ୍ୟକ୍ତି । ସେମାନଙ୍କର ଖିଆଲ ହେଲା ନିଜର ଆଧିପତ୍ୟ ଜାହିର କରିବାପାଇଁ। ତେଣୁ ସେମାନେ କନିଷ୍ଠ ଅଧ୍ୟାପକ ଓ ଶିକ୍ଷାକର୍ମୀମାନଙ୍କୁ ପୁନରାୟ ଏକ ବିଶେଷଜ୍ଞ କମିଟିକୁ ଡାକି ସେମାନଙ୍କର ଚାକିରିକୁ ବୈଧ କରିବା ପାଇଁ ନୋଟିସ ଜାରିକଲେ । ମାତ୍ର, ସେମାନଙ୍କ ଇଚ୍ଛାନୁଯାୟୀ କେହି ଦରଖାସ୍ତ କଲେନି, ବହୁତ ବୁଝାଶୁଝା ପରେ ସେମାବେ, କେବଳ କମିଟି ସମ୍ମୁଖରେ ହାଜର ହେଲେ । ପରିଚାଳନା ସମିତି ସେମାନଙ୍କ ନିଯୁକ୍ତିକୁ ବୈଧବୋଲି ସ୍ୱୀକାରକରି ଏକ ଏକ ପତ୍ରଦେଲେ । କିନ୍ତୁ ରହସ୍ୟ ଜନକ କଥାହେଲା ଯେ ସେ ସଂପର୍କରେ କାହାରି ସର୍ଭିସ ବୁକ୍‌ରେ କୌଣସି ଉଲ୍ଲେଖବି ରହିଲାନି । ହାୟରେ କ୍ଷମତା ନିଶା ! ଅଳ୍ପଦିନ ପରେ ପୂର୍ବୋକ୍ତ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ବିବାଦଲାଗି ପରିଚାଳନା ସମିତିରୁ ପରସ୍ପରକୁ ବହିଷ୍କାର କଲେ ଓ ପ୍ରତ୍ୟେକେ ନୂଆ ନୂଆ ପରିଚାଳନା ସମିତି ଗଠନ କଲେ। ନୂଆ ପରିଚାଳନା ସମିତି କେତେଜଣ ଶିକ୍ଷାକର୍ମୀ ନିଯୁକ୍ତିଦେଲେ କଲେଜର କାର୍ଯ୍ୟଭାରକୁ ନଜରକୁ ନନେଇ । ଫଳରେ, ଆବଶ୍ୟକତାଠାରୁ ଅଧିକ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କର ନିଯୁକ୍ତି ବୈଧ ହେଲାନି ବା ସେମାନେ ସରକାରଙ୍କଠୁ ଦରମା ପାଇଲେନି ।

୨.ଏହି ଗୋଳମାଳିଆ ପରିସ୍ଥିତିରେ କେତେକ ବରିଷ୍ଠ ଅଧ୍ୟାପକଙ୍କର ଭୂମିକା ଥିଲା ବଡ କୌତୁହଳପ୍ରଦ, ବିପଦଜନକ ବି । ଏବେ ସେମାନେ ଆଉ ଏ ପୁରରେ ନାହାନ୍ତି ।

୩.କଲେଜରେ +୨ ଓ +୩ପରୀକ୍ଷା ସମୟରେ କେତେଜଣ ବରିଷ୍ଠ ଅଧ୍ୟାପକ ଦିନେ ଦୁଇଦିନ ପରୀକ୍ଷା ଚାଲିବାପରେ ଆଉ ଇନ୍ ଭିଜିଲେସନ ଡ୍ୟୁଟି କରନ୍ତିନାହି୍ ଏଇଥିପାଇଁ ଯେ ପରୀକ୍ଷାରେ ପିଲାମାନେ କପି କରୁଛନ୍ତି । କିନ୍ତୁ, ରହସ୍ୟଜନକ କଥା ହେଲାଯେ ସେମାନେ ଆଦୌ କପି ଧରନ୍ତିନି ।

ଅଧ୍ୟକ୍ଷଙ୍କର ବାରମ୍ବାର ଅନୁରୋଧ ଓ ସମସ୍ତ ପ୍ରକାରର ସୁରକ୍ଷା ଯୋଗାଇଦେବାର ପ୍ରତିଶ୍ରୁତି ସତ୍ତ୍ୱେ ସେମାନଙ୍କ ମନୋବୃତ୍ତିର ପରିବର୍ତ୍ତନ ହୁଏନି। କନିଷ୍ଠ ଅଧ୍ୟାପକମାନଙ୍କର ନୈତିକ ମନୋବଳ ଆଘାତ ପାଏ। ତଥାପି, ବାଧ୍ୟହୋଇ ଅଧ୍ୟକ୍ଷ କନିଷ୍ଠ ଅଧ୍ୟାପକମାନଙ୍କୁ ନେଇ ପରୀକ୍ଷା ଚଳାଇ ରଖନ୍ତି ।

କପି କରନ୍ତି ହାତଗଣତି କେତେଜଣ ପିଲା। ଅନ୍ୟମାନେ ଏ ଘୃଣ୍ୟ ପନ୍ଥାର ଆଶ୍ରୟ ନିଅନ୍ତିନି। ଅଧ୍ୟାପକମାନେ ସମସ୍ତେ ସହଯୋଗ କରିଥିଲେ ସହଜରେ କପି ରୋକାଯାଇ ପାରିଥାନ୍ତା। ଥରେ ଦୁଇଥର ପରୀକ୍ଷା ବାତିଲ ହୋଇଛି । ଫଳରେ ଭଲ ଓ ମେଧାବୀ ପିଲାମାନେବି ଦଣ୍ଡିତ ହୋଇଥିଲେ ବିନା ଦୋଷରେ। ଅବଶ୍ୟ କିଛି ବର୍ଷପରେ ଅବସ୍ଥାର ସୁଧାର ଆସିଲା। କିନ୍ତୁ କଲେଜର ସୁନାମରେ ଆଞ୍ଚ ଲାଗିଲା।

୪.ଗୋଳମାଳ ଲାଗିରହିଥିବା ସମୟରେ ପରିଚାଳନା ସମିତି ଜଣେ ଅବସରପ୍ରାପ୍ତ ପ୍ରଫେସର. ଡ.ଲାଲମୋହନ ପ୍ରଧାନଙ୍କୁ ଅଧ୍ୟକ୍ଷ ଭାବରେ ନେଇଆସିଥିଲେ ଏଇଆ ଭାବିକିଯେ ତୃତୀୟ ବ୍ୟକ୍ତି ଅଧ୍ୟକ୍ଷ ହେଲେ ପ୍ର.ଭଞ୍ଜ ଓ ପ୍ର.ସାହୁଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଆଉ ମୁଣ୍ଡ ଟେକିବନି । କିନ୍ତୁ ଦୁଃଖର ବିଷୟ ଯେ ବିବାଦତ ମେଣ୍ଟିଲାନି, ଅପରପକ୍ଷରେ ପ୍ର.ପ୍ରଧାନ ଉଭୟ ପକ୍ଷର ଆକ୍ରୋଶର ଶୀକାର ହେଲେ । ଫଳରେ ଅଳ୍ପ କିଛିମାସ ପରେ ସିଏ ସ୍ୱ ଇଚ୍ଛାରେ ବିଦାୟ ନେଇଗଲେ ।

୫.ପ୍ର. ଚିତ୍ତରଞ୍ଜନ ସାହୁ ଏଠାରୁ ଯିବାପରେ ନୂତନ କ୍ୟାମ୍ପସରେ ଥିବା ଆସବାବପତ୍ର ଓ ବିଜ୍ଞାନ ଉପକରଣସବୁ ଚୋରୀ ହୋଇଗଲା । ଜଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗଚ୍ଛିତଥିବା ଅଳ୍ପ କେତେକ ଉପକରଣ କଲେଜକୁ ଅଣାଗଲା । ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ବିଜ୍ଞାନ ଉପକରଣ ମାନେ ଧାର ସୁତ୍ରରେ ଦେଇଥିଲେ ସେମାନେ ସଂପୂର୍ଣ୍ଣ ଅର୍ଥ ପାଇପାରିଲେନି । ବହୁତ ହଇରାଣ ହେଲେ।

ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ ଶିକ୍ଷାକର୍ମୀମାନେ ଦୀନକୃଷ୍ଣ ମାହାବିଦ୍ୟାଳୟରେ କାର୍ଯ୍ୟକଲେ ଓ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଭର୍ତ୍ତି ହୋଇଥିବା ଛାତ୍ରଛାତ୍ରୀମାନେ ସେଇଠାରେ ପଢିଲେ । ଅର୍ଥାତ, ଦୀନକୃଷ୍ଣ ମହାବିଦ୍ୟାଳୟରେ+୨ ବିଜ୍ଞାନ ଓ +୨ ବାଣିଜ୍ୟ ଶ୍ରେଣୀମାନ ଖୋଲିଲା ।

୬.ସେଇ ବିବାଦୀୟ ପରିସ୍ଥିତିରେ ଉଚ୍ଚ ଶିକ୍ଷାବିଭାଗର ଡି.ପି.ଆଇ ଆମର ଦରମା ଆଉ କଲେଜ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ନଦେଇ ତାଙ୍କ କାର୍ଯାଳୟର ଜଣେ ଅଧିକାରୀ ଅର୍ଥାତ୍ ଏଇଓଙ୍କ ମାଧ୍ୟମରେ ପ୍ରଦାନ କରିବାର ବ୍ୟବସ୍ଥା କଲେ । ସେ ମହାଶୟ ନିଜର କାର୍ଯ୍ୟବ୍ୟସ୍ତତା ଯୋଗୁଁ ଦୁଇ/ ତିନି ମାସରେ ଥରେ କଲେଜକୁ ଆସି ଦରମା ପ୍ରଦାନ କଲେ । ଫଳରେ ଅଧ୍ୟାପକ ଓ କର୍ମଚାରୀମାନେ ସେମାନଙ୍କ ଦରମା ପାଇବାରେ ହଇରାଣ ହେଲେ । କିଛି ବର୍ଷପରେ ଅବସ୍ଥାରେ ସୁଧାର ଆସିଲା ।

୭.କଲେଜର ନୂଆ କ୍ୟାମ୍ପସ ପାଇଁ କ୍ରୟ କରାଯାଇଥିବା ଓ ଦାନ ସୂତ୍ରରେ ମିଳିଥିବା ଜମିକୁ ଜଣେ ଚତୁର ସମ୍ପାଦକ ନିଜ ଅକ୍ତିଆରକୁ ନେଇ ତାଙ୍କ ନିଜର ସମ୍ପତ୍ତିବୋଲି ଦାବିକଲେ ।



ଦୀର୍ଘବର୍ଷ ମୋକଦ୍ଦମା ଚାଲିଲା ଓ ମୁଁ ଏ କଲେଜର ଅଧ୍ୟକ୍ଷ ହୋଇ ଆସିବାପରେ ୨୦୦୨/୨୦୦୩ ମସିହାରେ ସୁପ୍ରିମ କୋର୍ଟରେ ତାହା କଲେଜର ସମ୍ପତ୍ତି ବୋଲି ପ୍ରମାଣିତ ହେଲା।

(ସେ ସଂପର୍କରେ ମୁଁ ପରେ ଲେଖିବି )

ସମୟ ତା' ନିର୍ଦ୍ଦିଷ୍ଟ ପଥରେ ଆଗେଇ ଗଲା। କେତେ ଅଧ୍ୟକ୍ଷ , ଅଧ୍ୟାପକ, ଶିକ୍ଷା କର୍ମଚାରୀ ଆସିଲେ ଗଲେ। ଛାତ୍ରଛାତ୍ରୀ ଆସିଲେ, ଅଧ୍ୟୟନ ଶେଷରେ ବିଦାୟ ନେଇ ଗଲେ । କଲେଜର ବୟସ ବଢିଲା । ସମୟକ୍ରମେ ସବୁକିଛି ଶୃଙ୍ଖଳିତ ବି ହେଲା । ତେବେ କଲେଜ ଓ ବ୍ୟକ୍ତିବିଶେଷ ଯାହା ହରାଇଲେ ସେମାନେ ସେସବୁ ଆଉ ଫେରି ପାଇଲେନି ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# କର୍ମଯୋଗୀ

ଉଦୟ ନାରାୟଣ ଦାସ



ସତ୍ତ୍ୱ, ରଜଃ ଓ ତମଃ ପ୍ରକୃତି ଜୀବକୁ ସଂସାରରେ ଆବଦ୍ଧ ରଖନ୍ତି। ଆସକ୍ତି ଏହି ବନ୍ଧନର କାରଣ। କାମ୍ୟକର୍ମାତ୍ମକ ବେଦ ଜୀବର ସଂସାର ଆସକ୍ତିରେ ପ୍ରତିପାଦକ- ମୋକ୍ଷର ନୁହଁ। ଏଣୁ ତୁମେ ନିଷ୍କାମ ହୁଅ। ଶୀତୋଷ୍ଣ ଓ ସୁଖଦୁଃଖ ପରସ୍ପର ବିରୋଧି ଭାବଦ୍ୱୟକୁ ଦ୍ୱନ୍ଦ୍ୱ କୁହାଯାଏ। ନିର୍ଦ୍ୱନ୍ଦ୍ୱ- ଯେ ଉଭୟ ଅବସ୍ଥାକୁ ସମାନ ଜ୍ଞାନ କରେ।

ବେଳେବେଳେ ନିଜ ଜୀବନ ପ୍ରତି ଧିକ୍କାର ଲାଗେ ଏଇଥିପାଇଁ ଯେ ଯାହା ଜୀବନରେ ହେବାକୁ ସ୍ୱପ୍ନ ଥିଲା ତାହା ଫଳବତୀ ହେଲା ନାହିଁ। ଅଥଚ ଆମ ସହ କଲେଜରେ ପଢୁଥିବା ପ୍ରଧାନ ଦାଦାଗିରି କରୁଥିଲା, ମଦ ଗଞ୍ଜେଇ ଖାଉଥିଲା ପାଠର ନାଁ ଧରୁ ନଥିଲା ଓ ବହୁ ମନ୍ଦ କାର୍ଯ୍ୟରେ ସଂଶ୍ଲିଷ୍ଟ ଥିଲା । ସେ ଭାରତ ସରକାରଙ୍କ କେଉଁ ପରୀକ୍ଷାରେ ପାସ୍ କରି କଲେକ୍ଟରେଟ ଭିତରେ ଗୋଟେ କାର୍ଯ୍ୟାଳୟର ବଡ଼ ଅଧିକାରୀ ହୋଇଯାଇଛି। ସେ ଏଠି ବାରବର୍ଷ ହେଲା ରହିଲାଣି। କଲେକ୍ଟର ଠାରୁ ତାର ଦରମା ବେଶୀ ବୋଲି ସେ ନିଜେ ନିଜେ କହି ବୋଲେ। କଲେକ୍ଟର ରେଂକ୍‌ର ଅଧିକାରୀ ବୋଲି ଗର୍ବରେ କହେ।

ଗୋଟେ କାମରେ ସେ ଜିଲ୍ଲାପାଳଙ୍କ ତରଫରୁ ମନିଟରିଂ କରୁଥିଲା। ସେଥିରେ ଆମ କାର୍ଯ୍ୟାଳୟ ତରଫରୁ କେତେ ଜଣକ ଭିତରେ ମୁଁ ମଧ୍ୟ କାମ କରୁଥିଲି। ଏମିତି ସେ ଗୋଟେ ସୁଯୋଗ ଖୋଜୁଥିଲା ମୋ ଉପରେ ସେ ତାର କ୍ଷମତା ଜାହିର କରିବା ପାଇଁ। ତାର କଲେଜ ସମୟରୁ ମୋ ଉପରେ ବଡ଼ ରାଗ ଥିଲା, ମୁଁ ଭଲ ପଢୁଥିଲି ବୋଲି। ଦୁର୍ଭାଗ୍ୟକୁ ମୁଁ ଏମିତି ଛୋଟ ଚାକିରୀରେ ଥିଲା ବେଳେ ସେ ମୋ କାର୍ଯ୍ୟ ତଦାରଖ କରିବାର ଦାୟିତ୍ୱ ପାଇ ସେ ମୋ କାର୍ଯ୍ୟର ଖିଲାପ ଜିଲ୍ଲାପାଳଙ୍କ ପାଖରେ ଉ ।ପନ କରି ଚାକିରୀ ନିଲମ୍ବନ ପାଇଁ ସୁପାରିସ କଲା। ସଙ୍ଗେ ସଙ୍ଗେ ଜିଲ୍ଲାପାଳ ଆମ ଅଧିକାରୀଙ୍କୁ ଏହା ସମ୍ପାଦନ ନିମିତ୍ତ ଆଦେଶନାମା ଜାରି କଲେ। କିନ୍ତୁ ଆମ ଅଧିକାରୀଙ୍କର ମୋ ଉପରେ ଅଖଣ୍ଡ ବିଶ୍ୱାସ ଓ ଆସ୍ଥା ଥିଲା। ସେ ଏପରି ଭୁଲ ନିର୍ଦ୍ଦେଶକୁ କାର୍ଯ୍ୟ ନକରି ମୋ ସପକ୍ଷରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଏପିଲ କରିଥିଲେ।

ସେହିଦିନ ଠୁଁ ମୁଁ ପ୍ରଧାନକୁ ଭଲ କରି ଜାଣି ଯାଇଥିଲି। ପ୍ରକୃତରେ ମଣିଷ କେତେ ଭୟଙ୍କର ହୋଇପାରେ ତାହା ପ୍ରଧାନ ଠୁଁ ଜାଣିଲି। ପୁଣି ଆଉ ଗୋଟେ ଅଘଟଣ ତାକୁ ନେଇ ଘଟିଲା ଏଇ ଦୁଇଦିନ ତଳେ। ତା କାର୍ଯ୍ୟାଳୟକୁ ଆମ ଅଧିକାରୀ, ଜିଲ୍ଲାପାଳ ସହ ଆମେ କେତେଜଣ ତଳ କର୍ମଚାରୀ ଯାଇଥିଲୁ। ମୁଁ ଦଶ ବର୍ଷ ତଳର କଥା ଭୁଲି ଯାଇଥିଲି ଓ ଭାବିଲି ଆମମାନଙ୍କର ଚାକିରୀ ସରିବାର ସମୟ ହୋଇ ଗଲାଣି। ତେଣୁ ପ୍ରଧାନର ମତିଗତି ବଦଳି ଯାଇଥିବ ଓ ସେ ସେପରି ଆଉ ନଥିବ। ମୁଁ ଯାଇ ବିନମ୍ରତାର ସହ ଦରକାର ହେଉଥିବା କେତେଖଣ୍ଡ କାଗଜ ପାଇଁ ତାକୁ ଅନୁରୋଧ କଲି। ସେ ସଙ୍ଗେ ସଙ୍ଗେ ରାଗି ଯାଇ ମୋତେ ଯାଚ୍ଛାତା କହିଲା, "ହଇବେ ଅନାଡ଼ି, ତୋର କାଣ୍ଡ ଜ୍ଞାନ ଅଛି ନା, ମୋତେ କାଗଜ ମାଗୁଛୁ। ଜାଣିଛୁ ଗୋଟେ ମୁହୂର୍ତ୍ତରେ ଜିଲ୍ଲାପାଳ ଓ ତୋ ଅଧିକାରୀଙ୍କୁ କହି ତୋର କି କ୍ଷତି ମୁଁ କରିପାରେ ?"

ମୁଁ ମୋ ଭୁଲ ବୁଝି ପାରିଲି। କେଡ଼େ ସଙ୍କୁଚିତ ଲୋକଟିଏ ହୋଇ ଏପରି ମହାନ ବ୍ୟକ୍ତିଙ୍କ ସହ ମୁଁ ବା କିପରି କଥା କହିପାରିବି ? ମୁଁ ତା ପାଖରେ ମୋର ଭୁଲ ସ୍ୱୀକାର କରିବାରୁ ସେ ଟିକେ ସ୍ଥିର ହୋଇଗଲା। ମୁଁ ସେଇ ରାତିରେ ଶୋଇ ପାରିଲି ନାହିଁ। ମୋ ମନ ଖୁବ ଅସ୍ଥିର ଲାଗିଲା। ଈଶ୍ୱରଙ୍କ ଉପରେ ଅଭିମାନ ହେଲା। ମୁଁ ଛାତ ଉପରେ ବସି ଅନେକ କଥା ଭାବିଲି। ଈଶ୍ୱର ତ ମୋତେ ଜୀବନ ଦେଇଛନ୍ତି, ବିବେକ ଦେଉଛନ୍ତି, ହାତ ଗୋଡ଼ ଦେଇଛନ୍ତି ଯାହା ପାଇଁ ମୁଁ ଏତିକି ଭାବି ପାରୁଚି କରି ପାରୁଛି। ପୁଣି ଏ ପୃଥିବୀରେ ଏମିତି ଜୀବ ଅଛନ୍ତି ଯେଉଁମାନଙ୍କର ମସ୍ତିସ୍କ ନାହିଁ, ଗୋଡ଼ ହାତ ନାହିଁ, ସେମାନେ ମାଦଳ ପରି ଗୋଟେ ସ୍ଥାନରେ ପଡ଼ି ରହୁଛନ୍ତି। ଦୁଃଖ ନିର୍ଯ୍ୟାତନା ସହୁଛନ୍ତି। ସେ ତୁଳନାରେ ଈଶ୍ୱର ମୋତେ ଅନେକ କିଛି ଦେଇଛନ୍ତି। କାମ କରିବାକୁ ହାତ ଗୋଡ଼ ଚିନ୍ତା କରିବାକୁ ବିବେକ, ବୁଦ୍ଧି ଦେଇଛନ୍ତି। 'କାମ କରିଯାଅ, ଫଳ ପାଇଁ ଚିନ୍ତା କରନାହିଁ।' ଏହି ମହାନ କଥା ମୁଁ ଗୀତାରୁ ଶିଖିଥିଲି। ମେଟ୍ରିକ ପରେ ଗୋଟେ ମହାବିପଦରେ ମୁଁ ପଡ଼ିଥିଲା ବେଳେ ମୋତେ ମୋ ଭିଣୋଇ 'ଗୀତା' ଉପହାର ଦେଇ କହିଥିଲେ, "ତୁମେ ଏହାର ଶ୍ଳୋକ ଓ ତଳେ ଓଡ଼ିଆରେ ଥିବା ଅର୍ଥ ପଢ଼। ତା' ପରେ ତୁମର ଦୁଃଖ/ଅନୁଶୋଚନା ସବୁ ଦୂର ହୋଇଯିବ। ତୁମେ ଜାଣି ପାରିବ ସବୁ କର୍ମ ଭଗବାନଙ୍କ ପାଇଁ ଉଦ୍ଦିଷ୍ଟ।"

ମୁଁ ଗୀତା ସେହିଦିନ ଠୁଁ ପଢୁଛି। ଯେତେ ଯେତେ ପଢୁଛି ସେତେ ଗୂଢ଼ତତ୍ତ୍ୱ ସେଥିରୁ ବାହାରୁଛି। ଧର୍ମକର୍ମର ଅର୍ଥ ସାଧାରଣ ଲୋକ ଯାଗଯଜ୍ଞ ଆଦି କର୍ମକୁ ବୁଝିଥାନ୍ତି। କିନ୍ତୁ ଗୀତାରେ ଶ୍ରୀ ଭଗବାନ କୁହନ୍ତି, ଏହିସବୁ କାର୍ଯ୍ୟ କର୍ମର ଅନୁଷ୍ଠାନର ଭୋଗବାସନା ଦୂରିତ ହୁଏ ନାହିଁ। ବରଂ ଆହୁରି ବେଶୀ ବଢ଼ିଥାଏ। ଭୋଗ ବାସନାରେ ଚିତ୍ତ ବିକ୍ଷିପ୍ତ ଥିଲେ ତାହା କେବେ ହେଲେ ପରମାତ୍ମାଙ୍କ ଠାରେ ଏକନିଷ୍ଠ ହୋଇପାରେ ନାହିଁ। ଏକମାତ୍ର ନିଷ୍କାମ କର୍ମ ଦ୍ୱାରା ହିଁ ଚିତ୍ତ ଈଶ୍ୱରାଭିମୁଖୀ ହୁଏ।

ସତ୍ତ୍ୱ, ରଜଃ ଓ ତମଃ ପ୍ରକୃତି ଜୀବକୁ ସଂସାରରେ ଆବଦ୍ଧ ରଖନ୍ତି। ଆସକ୍ତି ଏହି ବନ୍ଧନର କାରଣ। କାମ୍ୟକର୍ମାତ୍ମକ ବେଦ ଜୀବର ସଂସାର ଆସକ୍ତିରେ ପ୍ରତିପାଦକ- ମୋକ୍ଷର ନୁହଁ। ଏଣୁ ତୁମେ ନିଷ୍କାମ ହୁଅ।

ଶୀତୋଷ୍ଣ ଓ ସୁଖଦୁଃଖ ପରସ୍ପର ବିରୋଧି ଭାବଦ୍ୱୟକୁ ଦ୍ୱନ୍ଦ୍ୱ କୁହାଯାଏ। ନିର୍ଦ୍ୱନ୍ଦ୍ୱ- ଯେ ଉଭୟ ଅବସ୍ଥାକୁ ସମାନ ଜ୍ଞାନ କରେ।

ଅଲବ୍ଧ ବସ୍ତୁର ଲାଭକୁ ଯୋଗ ଏବଂ ଲବ୍ଧ ବସ୍ତୁର ରକ୍ଷଣକୁ କ୍ଷେମ କୁହାଯାଏ। ଶ୍ରୀକୃଷ୍ଣ କହିଛନ୍ତି- ଅପ୍ରାପ୍ତ ବସ୍ତୁ ଅର୍ଜନର ଚେଷ୍ଟା କରନାହିଁ ଆଉ ପ୍ରାପ୍ତର ରକ୍ଷଣ ସମ୍ପର୍କରେ ମଧ ଉଦାସୀନ ହୁଅ। ଯାହାର ଚିତ୍ତ ନିତ୍ୟ ଈଶ୍ୱରଙ୍କ ଠାରେ ଯୁକ୍ତ, ଯେ ପରମେଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ତାର ଅନ୍ୟ ପ୍ରଚେଷ୍ଟାର ଅବକାଶ ନାହିଁ। ସେପରି ମଣିଷର ସମ୍ପୂର୍ଣ୍ଣ ଦାୟିତ୍ୱ ଈଶ୍ୱରଙ୍କ ଉପରେ। ଶ୍ରୀ ଭଗବାନ ପୁଣି କହିଛନ୍ତି-ତୁମର କର୍ମରେ ଅଧିକାର ଅଛି, କିନ୍ତୁ ଫଳରେ ନୁହେଁ। ତୁମକୁ ଯଥାବିଧି କର୍ମ କରିବାକୁ ପଡ଼ିବ। ନିଷ୍କାମ କର୍ମ କର ଓ କର୍ମ ତ୍ୟାଗ କର ନାହିଁ। ସବୁବେଳେ ଧ୍ୟାନ ଦେବାକୁ ହେବ ଯେପରି କର୍ମଫଳ ତୁମର କର୍ମ ପ୍ରବୃତ୍ତିର କାରଣ ନହୁଏ ଏବଂ କର୍ମ ତ୍ୟାଗରେ ଯେପରି ତୁମର ପ୍ରବୃତ୍ତି ନହୁଏ। ଅର୍ଥାତ୍ ତୁମେ ନିଷ୍କାମ ହୁଅ। କିନ୍ତୁ କର୍ମ ତ୍ୟାଗ କରନାହିଁ।

ଅନେକ ବାର ଜୀବନର ଅସଫଳତା ଆସିଛି। ବହୁ କର୍ମ କରିଛି କିନ୍ତୁ ଫଳ ପାଇ ପାରିନାହିଁ। ଅଥଚ କର୍ମ ନକରି ବହୁ ଲୋକ ଖୁବ ବଡ଼ ପଦାଧିକାରୀ ବହୁ ପଦାଧିକାରୀ ହୋଇ ପାରିଛନ୍ତି ଏହି ଅକିଞ୍ଚନ ପ୍ରଧାନ ପରି। ଏସବୁ ଦେଖି ଜୀବନ ମୋତେ ବିଷ ପରି ଲାଗିଛି। ଅନେକ ବାର ଭାବିଛି ମୁଁ ସଂସାର ଯୋଗୀ ହୋଇଯିବି ବା ଆତ୍ମହତ୍ୟା କରିଦେବି ଏପରି ଆତ୍ମଗ୍ଳାନିରୁ ମୁକ୍ତି ପାଇଁ। କିନ୍ତୁ ଗୀତାର ସେହି ମହାନ ଶ୍ଳୋକ ପଢ଼ିଲେ ମୁଁ ସ୍ଥିର ହୋଇଯାଏ। ମୁଁ ଭାବେ ମୁଁ ନିମିତ୍ତ ମାତ୍ର। ଏସବୁ ଯାହା ତାହା ସବୁ ସେଇ ପରମାତ୍ମାଙ୍କ ନିର୍ଦ୍ଦେଶର ଫଳ। ସେ ମୋତେ ଯେମିତି ରଖିବାକୁ ଚାହୁଁଛନ୍ତି ତାହା ହିଁ ମୋର ଶ୍ରେୟ।

"କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ/ମା କର୍ମଫଳ ହେତୁର୍ଭୂର୍ମା ତେ ସଙ୍ଗୋସ୍ତ୍ୱକର୍ମଣୀ।"

ପୁଣି ଏହି ଅଳ୍ପଦିନ ତଳେ ଗାନ୍ଧୀଙ୍କ ଜୀବନୀ ପଢୁ ପଢୁ କର୍ମଦାନ ଉପରେ ଗାନ୍ଧୀଙ୍କ ଦର୍ଶନର ଗୋଟେ କଥା ଶିକ୍ଷା କଲି।

ଗାନ୍ଧିଜୀ ସେବା ଶ୍ରମରେ ଥିଲା ବେଳେ ଜଣେ ବ୍ୟକ୍ତି ତାଙ୍କୁ ପ୍ରଶ୍ନ କଲେ, 'ବାପୁ, ଆପଣଙ୍କ ଜୀବନରେ କେଉଁ ମହାପୁରୁଷଙ୍କ ପ୍ରଭାବ ସର୍ବାଧିକ ପଡ଼ିଛି ?'

ଗାନ୍ଧୀ ସର୍ବନୟ ଉତ୍ତର ଦେଲେ, "ଭାଇ ରାୟଚନ୍ଦ୍ର, ଟଲଷ୍ଟୟ ଓ ରସ୍କିନ। ଏମାନଙ୍କ ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି। ଅନୁପ୍ରାଣିତ ହୋଇଛି ମଧ୍ୟ।"

"ପ୍ରକୃତରେ ଭାଇ ରାୟଚନ୍ଦ୍ର କିଏ ?"

ପ୍ରଶ୍ନ କଲେ ସହୃଦୟ ବ୍ୟକ୍ତି ଜଣକ।

ଗାନ୍ଧୀ କହିଲେ, "ସେ ଜଣେ ବ୍ୟବସାୟୀ। ତାଙ୍କର ବଡ଼ ହୀରା ଲୀଳା ମୋତି ବ୍ୟବସାୟ। ସେ କୋଟି କୋଟି ଟଙ୍କାର ବ୍ୟବସାୟ ପ୍ରତିଦିନ କରନ୍ତି।"

ବ୍ୟକ୍ତି ଜଣକ ଗାନ୍ଧୀଙ୍କ ଏପରି ଉତ୍ତରରେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କ ମନରେ ପ୍ରଶ୍ନ ଉଠିଲା ଜଣେ ବ୍ୟବସାୟୀ କେମିତି ଗାନ୍ଧୀଙ୍କ ଆଦର୍ଶ ହୋଇପାରିଲେ। ଏକଥା ତାଙ୍କୁ ଅଡୁଆ ଲାଗୁଥିଲା।

ଗାନ୍ଧୀ ତାଙ୍କ ମନୋଭାବ ବୁଝିପାରିଲେ। ଶେଷକୁ ଗାନ୍ଧୀ ତାଙ୍କୁ ବୁଝାଇଲେ, "ସେ ଜଣେ ସାଧାରଣ ବ୍ୟବସାୟୀ ନୁହନ୍ତି। ସେ ଜଣେ ଜ୍ଞାନୀ ସନ୍ଥ ବ୍ୟକ୍ତି। ସେ ବସିଥିବା ଗଦି ଉପରେ ରଖିଥାନ୍ତି କେତେ ଖଣ୍ଡି ଧର୍ମପୁସ୍ତକ ଓ ଖଣ୍ଡେ ଡାଏରୀ। ଯେତେବେଳେ ସମୟ ମିଳୁଥିଲା, ସେ ଧର୍ମ ପୁସ୍ତକ ଖୋଲି ମନଯୋଗ ଦେଇ ପଢୁଥିଲେ। ପୁଣି ଯେଉଁ ଯେଉଁ କଥା ତାଙ୍କ ମନକୁ ଛୁଉଁଥିଲା ସେସବୁ ତତ୍‌କ୍ଷଣାତ୍ ଡାଏରୀରେ ଲେଖି ରଖୁଥିଲେ। ଏହାଥିଲା ତାଙ୍କର ଦୈନିକ ରୋଟିନ କାମ। ବେପାର ଭିତରେ ଥାଇ ସେ ଯଦି ଧର୍ମ ପୁସ୍ତକ ନିୟମିତ ପଢ଼ି ତାକୁ ଟିପି ପାରୁଛନ୍ତି ତାହା ହେଲେ ସେ ଜଣେ ପ୍ରକୃତ ଜ୍ଞାନଯୋଗୀ।"

ଗାନ୍ଧୀ ପୁଣି କହିଲେ, "ମୁଁ ଯେଉଁବେଳେ ତାଙ୍କ ଦୋକାନ ପାଖରେ ପହଞ୍ଚିଯାଏ, ସେତେବେଳେ ସେ ବ୍ୟବସାୟ ସମ୍ପର୍କରେ ଭୁଲିଯାଇ ମୋ ସହ ଧର୍ମାଲୋଚନା କରନ୍ତି। ସେ ଏମିତି ଆଲୋଚନାରେ ଏତେ ମଜ୍ଜି ଯାଆନ୍ତି ଯେ ସେ ତାଙ୍କ ବ୍ୟବସାୟ କଥା ସମ୍ପୂର୍ଣ୍ଣ ଭୁଲି ଯାଆନ୍ତି। ମୁଁ ମଧ୍ୟ ତାଙ୍କ କଥା ଧ୍ୟାନ ସହ ଶୁଣିବାକୁ ବାଧ ହୋଇଥାଏ।"

ଗାନ୍ଧୀ ପ୍ରକୃତରେ ତାଙ୍କ କର୍ମଯୋଗରେ ପ୍ରଭାବିତ ହୋଇଥିଲେ। ସାଧାରଣ ଲୋକଙ୍କର ଏହା ଏକ ଧାରଣା ଯେ ନିର୍ଦ୍ଦିଷ୍ଟ ବୃତ୍ତି/ ଧନ୍ଦାରେ ଥିବା ଜଣେ ଲୋକ ପକ୍ଷରେ ମହତ କିଛି କାର୍ଯ୍ୟ କରିବା କଠିନ। ତେଣୁ ସେମାନେ ସେହି କାମରେ ନିବିଷ୍ଟ ରହି ଯାଆନ୍ତି। କିନ୍ତୁ ରାୟଚନ୍ଦ୍ରଙ୍କ ପାଖରେ ଏହା ଥିଲା ବ୍ୟତିକ୍ରମ। ସେ ନିଜ ବ୍ୟବସାୟ ତଥା ସାଂସାରିକ କର୍ମରେ ଥାଇ ମଧ୍ୟ ସେ ଜ୍ଞାନ ପିପାସୁ ଥିଲେ ଏଥିପାଇଁ ଗାନ୍ଧୀ ତାଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଥିଲେ।

ଏସବୁ କଥା ପର୍ଯ୍ୟାଲୋଚନା କରିବା ପରେ ମୋର ବିବେକ ଉଦ୍ରେକ ହେଲା। ପ୍ରଧାନ ପରି ଅନେକ ମୂଢ଼ଙ୍କ କଥାରେ ମୁଁ କାହିଁକି ବିମୁଖ ବା ହତୋତ୍ସାହିତ ହେବି। ମୁଁ ଯେ କୌଣସି ବୃତ୍ତିରେ ଥାଇ ଯଦି ସତ୍ କର୍ମ କରିବାର ନିଷ୍ଠା ରଖି ପାରିବି, ତେବେ ପ୍ରଧାନ ପରି ବହୁ ମୂଢ଼ ବି ଦିନେ ମୋର ସତ୍‌କର୍ମକୁ ସମ୍ମାନ କରିବାକୁ ବାଧ ହେବେ। ଗାନ୍ଧୀ ତ ପୁଣି ରାୟଚନ୍ଦ୍ରଙ୍କ ପରି ସାମାନ୍ୟ ବ୍ୟବସାୟୀଙ୍କୁ ନିଜ ଜୀବନର ଆଦର୍ଶ ବୋଲି ଗ୍ରହଣ କରି ପାରିଥିଲେ।

କିନ୍ତୁ ନିଷ୍କାମ ସତକର୍ମ କରିବା ପାଇଁ ଯେଉଁ ଧୈର୍ଯ୍ୟ ଯେଉଁ ତ୍ୟାଗ ଯେଉଁ ନିଷ୍ଠା ଆବଶ୍ୟକ ସେଥିପାଇଁ ମୋତେ ଆହୁରି ତପସ୍ୟା କରିବାକୁ ହେବ। ଅବିଚଳିତ ହୋଇ ସେମିତି ଏକ କୋଠର ରାସ୍ତାକୁ ଅନ୍ୱେଷଣ କରିବା ହିଁ ପ୍ରକୃତି କର୍ମଯୋଗୀର ଦାୟିତ୍ୱ ହେବା ଉଚିତ।

+ ଚୂନଭାଟି କଲୋନୀ,
ଗୋପାଳଗାଁ, ବାଲେଶ୍ୱର,
(ମୋ) :୯୩୩୮୩୨୨୧୯୯

# ଉଦଳା ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

## ଚଳିତ ସେପ୍ଟେମ୍ବର ୨୬ରେ ବସିବ ସାଧାରଣ ପରିଷଦ ବୈଠକ



ଉଦଳା , ୭/୯ (ନି.ପ୍ର): ଉଦଳା ମହାବିଦ୍ୟାଳୟ ପ୍ରତିଷ୍ଠା ହେବାର ୬୦ ବର୍ଷ ପୁରିଲା । ତେଣୁ ଆସନ୍ତା ୨୦୨୫ ମସିହାରେ ଏହାର ହିରକ ଜୟନ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଚଳିତ ଅକ୍ଟୋବର ୬ ତାରିଖ ଶୁକ୍ରବାର ଦିନ ଏହାର ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପୁରାତନ ଛାତ୍ର ସଂଘର ସଂଯୋଜକ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ, ପୁରାତନ ଛାତ୍ର ସଂଘର ସଭାପତି ଡ଼ା.ଶଚିଦାନନ୍ଦ ପରିଡ଼ା,ଅଜୟ କୁମାର ବେହେରା, ଜୟଗୋପାଳ ରାୟ, ଶରତ ଚନ୍ଦ୍ର ଦାସ, ନାରାୟଣ ପଟନାୟକ, ପ୍ରହ୍ଲାଦ ଦାସ, ଚିତରଂଜନ ବାରିକ ପ୍ରମୁଖ ଏହି ପ୍ରାକ୍ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ । ଆସନ୍ତା ୨୦୨୫ ମସିହା ନଭେମ୍ବର ମାସରେ ହିରକ ଜୟନ୍ତି ଉତ୍ସବ ପାଳନ ପାଇଁ ଆପାତତଃ ସ୍ଥିରର କରାଯାଇଛି । ମହାମହିମ ରାଷ୍ଟ୍ରପତିଙ୍କୁ ଏଥିରେ ଅତିଥି ଭାବରେ ଯୋଗ ଦେବା ପାଇଁ ଉଦ୍ୟମ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଚଳିତ ସେପ୍ଟେମ୍ବର ୨୬ ତାରିଖ ଗୁରବାର ଦିନ ୧୧ ଘଟିକା ସମୟରେ ମହାବିଦ୍ୟାଳୟ ପରିସରରେ ଏହାର ସାଧାରଣ ପରିଷଦ ବୈଠକ ବସିବ ବୋଲି କୁହାଯାଇଛି । ଏଥିରେ ପୁରାତନ ଛାତ୍ର ଛାତ୍ରୀ, ଅବସରପ୍ରାପ୍ତ ଅଧ୍ୟାପକ/କର୍ମଚାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ମତାମତ ଦେବାକୁ ଅନୁରୋଧ କରାଯାଇଛି ।

# ବିଦ୍ୟାଳୟର ନୂତନ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ସ୍ମାର୍ଟ କ୍ଲାସ୍ ରୁମ୍‌ର ଉଦଘାଟନ କଲେ ବସ୍ତା ବିଧାୟିକା



ଲଙ୍ଗଳେଶ୍ୱର, ୭/୯ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସ୍ଥିତ ଦୁର୍ଗା ପ୍ରଶନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ପବିତ୍ର ଗଣେଶ ପୂଜାର ଶୁଭ ଅବସରରେ ଶ୍ରୀ ଶ୍ରୀ ଗୋପାଳ ଜୀଉଙ୍କ ମନ୍ଦିରର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଏବଂ ସ୍ମାର୍ଟ କ୍ଲାସ୍ ରୁମ୍ ଓ ସ୍ମାର୍ଟ ଲାଇବ୍ରେରୀ ରୁମ୍ ର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ନୂତନ ମନ୍ଦିରର ଭିତ୍ତି ପ୍ରସ୍ତରର ଶୁଭ ଦେଇଥିଲେ । ଏବଂ ସ୍ମାର୍ଟ କ୍ଲାସ୍ ରୁମ୍ ଓ ସ୍ମାର୍ଟ ଲାଇବ୍ରେରୀ ରୁମ୍ କୁ ଫିତାକାଟି ଉଦଘାଟନ କରିଥିଲେ । ବିଦ୍ୟାଦାତା ପ୍ରଭୁ ଗଜାନନଙ୍କ ନିକଟରେ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ଏହି ଉତ୍ସବରେ କଲେଜର ଆବାହକ ଭାବେ ସଂପାଦକ ଗଗନ ବିହାରୀ ବାରିକ ଏବଂ ଅଧ୍ୟକ୍ଷ ସୁବ୍ରତ କୁମାର ନନ୍ଦୀ ଥିଲେ । ଅଧ୍ୟାପକ ପ୍ରଦୀପ କୁମାର ଜେନା,ସଞ୍ଜିବ୍ କୁମାର ଜେନା,ଭୂପତି ପରିଡା,ରଣଜିତ୍ କୁମାର ଜେନା,ଗୌରହରି ବେହେରା,ଅମରେନ୍ଦ୍ର ପରିଡା,ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଏହି ଉତ୍ସବର ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଦୁର୍ଗା ପ୍ରଶନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ମଣିପୁରରେ ପୁଣି ହିଂସା...

ଥିବାବେଳେ ୫ରୁ ୬ ଜଣ ଆହତ ହୋଇଛନ୍ତି। ଗତ ୩ ତାରିଖରେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ସେଜମ ଚିରାଙ୍ଗ ଗ୍ରାମରେ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୩ ଜଣ ଆହତ ହୋଇଥିଲେ। ସେପ୍ଟେମ୍ବର ୧ରେ ଏହି ଜିଲ୍ଲାର କୋନ୍ଟୁକ ଗାଁରେ ମଧ ଡ୍ରୋନ ଆକ୍ରମଣ ହୋଇଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ ଆଜି ଜରୁରୀ ବୈଠକ ଡାକିଛନ୍ତି।

### ୧.୩୨ ଲକ୍ଷ ଟଙ୍କା ନେଇ...

ପଚାରିଥିଲେ। କିନ୍ତୁ ବିଜୟ କୁମାର ବେହୁରିଆ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହା ପରେ ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏହା ସହିତ ବିଜୟ କୁମାର ବେହୁରିଆଙ୍କୁ ଅଟକ ରଖି ପଚରାଉଚରା କରୁଛି ଭିଜିଲାନ୍ସ। ସେ ଏହି ଟଙ୍କା କେଉଁଠାରୁ ଆଣିଲେ, ସେ ନେଇ ଭିଜିଲାନ୍ସ ପଚରାଉଚରା କରୁଥିବା ଜଣାପଡ଼ିଛି। ପିସି କାରବାର ସହିତ ବିଭିନ୍ନ ବେଆଇନ ଉତ୍ସରୁ ସେ ଏହି ଟଙ୍କା ସଂଗ୍ରହ କରିଥିବା ସନ୍ଦେହ କରାଯାଉଛି। ନଗଦ ୧.୩୨ ଲକ୍ଷ ଟଙ୍କା ସହିତ ଧରାପଡ଼ିବା ପରେ ଏମ୍‌ଭିଆଇ ବିଜୟ କୁମାର ବେହୁରିଆଙ୍କର ୫ଟି ଠିକଣାର ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି।

### ସୁଭଦ୍ରା ସଚେତନତା...

ଏହି ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମିଳିବ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି କରିବା ଲାଗି ମୋହନ ସରକାର ଅଙ୍ଗୀକାରବଦ୍ଧ। ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି।

### ସ୍ୱୀକାର କଲା ...

ମୃତ୍ୟୁକୁ ସ୍ୱୀକାର କରିଥିଲେ। ତେବେ ଏହା ପୂର୍ବରୁ କେବେ ବି ପାକିସ୍ତାନୀ ସେନା ଏହାକୁ ଗ୍ରହଣ କରିନଥିଲା । ବାସ୍ତବରେ ଏପର୍ଯ୍ୟନ୍ତ ପାକିସ୍ତାନର କୌଣସି ସେନା ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସହିଦ ଅଜିଜ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ କାର୍ଗିଲ ଯୁଦ୍ଧରେ ପାକିସ୍ତାନର ସମ୍ପୃକ୍ତିକୁ ଗ୍ରହଣ କରିନଥିଲେ । ଏହା ବ୍ୟତୀତ ୧୯୯୯ର କାର୍ଗିଲ ବିବାଦ ସମୟରେ ପାକିସ୍ତାନୀ ସେନା ମୁଖ୍ୟ ଥିବା ଜେନେରାଲ ପରଭେଜ ମୁଶରଫ ନିଜେ ଏହାକୁ ସ୍ୱୀକାର କରିନଥିଲେ । ତେବେ ଗତକାଲି ଜେନେରାଲ ମୁନିର୍ କହିଛନ୍ତି ଯେ ପାକିସ୍ତାନୀ ସମ୍ପ୍ରଦାୟ ଏକ ସାହସୀ ସମ୍ପ୍ରଦାୟ। ସ୍ୱାଧୀନତାର ମହତ୍ତ୍ୱ କଣ ତାହା ବୁଝାଇଥାନ୍ତି । ୧୯୪୮, ୧୯୬୫, ୧୯୭୧ ହେଉ କିମ୍ବା ୧୯୯୯ର କାର୍ଗିଲ ଯୁଦ୍ଧ ହେଉ, ହଜାର ହଜାର ସୈନିକ ଦେଶ ତଥା ଇସଲାମ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଗତ ୨୫ ବର୍ଷ ମଧ୍ୟରେ ଏହା ପାକିସ୍ତାନୀ ସେନାର ପ୍ରଥମ ସ୍ୱୀକାର ବୋଲି ବିବେଚନା କରାଯାଉଛି। ତେବେ ଏହାପୂର୍ବରୁ ପାକିସ୍ତାନୀ ସେନାର କୌଣସି ଜେନେରାଲ ଅଫିସର ଥିବାବେଳେ କାର୍ଗିଲ ଯୁଦ୍ଧ ସମ୍ପର୍କରେ ଏଭଳି ସ୍ପଷ୍ଟ ବକ୍ତବ୍ୟ ଦେଇନଥିଲେ । ଏହାପୂର୍ବରୁ ପାକିସ୍ତାନ ଆରମ୍ଭରୁ ଦାବି କରିଆସୁଥିଲା ଯେ କାଶ୍ମୀରୀ ଆତଙ୍କବାଦୀମାନେ କାର୍ଗିଲ ଯୁଦ୍ଧରେ ଜଡିତ ଥିଲେ, ଯାହାକୁ ମୁଜାହିଦ୍ଦିନ ବୋଲି କୁହାଯାଏ। ଏହି କାରଣରୁ ସେମାନେ କାର୍ଗିଲ ଯୁଦ୍ଧରେ ନିହତ ହୋଇଥିବା ସୈନିକମାନଙ୍କ ମୃତଦେହକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଯାହା ପରେ ଭାରତ ସମ୍ପୂର୍ଣ୍ଣ ସାମରିକ ସମ୍ମାନ ସହିତ ପାକିସ୍ତାନୀ ସୈନିକମାନଙ୍କର ଶେଷ ରୀତିନୀତି କରିଥିଲା।

### କଂଗ୍ରେସରେ ବିନେଶ ...

ଦଣ୍ଡ ଦେଇଛନ୍ତି।' କଂଗ୍ରେସ ଦଳରେ ଭିନେଶ ଫୋଗଟ ଏବଂ ବଜରଙ୍ଗ ପୁନିଆ ସାମିଲ ହେବାପରେ କଂଗ୍ରେସର ଷଡଯନ୍ତ୍ର ସାମ୍ନାକୁ ଆସିଯାଇଛି। ମୁଁ ଦାବିର ସହ କହିବି କଂଗ୍ରେସ ଭିନେଶ ଓ ବଜରଙ୍ଗ ଦ୍ୱାରା ମୋ ବିରୋଧରେ, ବିଜେପି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଏକ ଷଡଯନ୍ତ୍ର ରଚିଥିଲା। କଂଗ୍ରେସ ବିରୋଧରେ ଯଦି ମୁଁ ମୁହଁ ଖୋଲିବି ଝଡ଼ ସୃଷ୍ଟି ହୋଇଯିବ। ଏହା ମୁଁ ସମୟ ଆସିଲେ ପ୍ରମାଣ ସହ ସମସ୍ତଙ୍କୁ କଂଗ୍ରେସର ଅସଲ ମୁଖା ଦେଖାଇବି।' ତେବେ ଗତକାଲି ବିନେଶ ଫୋଗଟ କଂଗ୍ରେସରେ ଯୋଗ ଦେବାପରେ କହିଥିଲେ, 'ମୁଁ ଆଶ କରୁଛି ଆପଣମାନେ ମୋତେ ଯେଉଁ ଉଦ୍ଦେଶ୍ୟ ରଖି ଦଳରେ ସାମିଲ କରିଛନ୍ତି ମୁଁ ତାହାକୁ ପୁରଣ କରିପାରେ। କଂଗ୍ରେସକୁ ମୋର ଅଶେଷ ଅଶେଷ ଧନ୍ୟବାଦ। ଖରାପ ସମୟରେ ହିଁ ଜଣାଯାଇଥାଏ ନିଜର କିଏ। ନିଜକୁ ଗର୍ବିତ ମନେ କରୁଛି । କାରଣ ମୁଁ ଆଜି ଏମିତି ଏକ ଦଳରେ ସାମିଲ ହୋଇଛି ଯିଏକି ସର୍ବଦା ମହିଳାଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ ଥାଏ। ଯେତେବେଳେ ଆମକୁ ରାସ୍ତା ଘୋଷଡା ଯାଉଥିଲା ବିଜେପି(ଭାରତୀୟ ଜନତା ପାର୍ଟି)କୁ ଛାଡ଼ିଦେଲେ ସମସ୍ତ ଦଳ ଆମର ସମର୍ଥନ କରିଥିଲେ। ଆଜିଠାରୁ ମୁଁ ଏକ ନୂଆ ରାସ୍ତାରେ ପାଦ ଦେଇଛି। ଯେଉଁ ଲଢ଼େଇ ଥିଲା ତାହା ଜାରି ତ ରହିଥିବ। ମୋର ବିଶ୍ୱାସ ମୁଁ ସେହି ଲଢ଼େଇ ବି ଜିତିବି। ଭୟ କରିବି ନାହିଁ କି ପଛକୁ ଘୁଞ୍ଚିବି ନାହିଁ।'

# ଓଷ୍ଟା ବଡ଼ସାହି ବ୍ଲକର ସାମ୍ବିଧାନିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ



ବଡ଼ସାହି , ୭/୯ (ନି.ପ୍ର): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବଡ଼ସାହି ବ୍ଲକ୍ ର ସାମ୍ବିଧାନିକ ସମ୍ମିଳନୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ଠାରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଓଷ୍ଟା ବ୍ଲକ୍ ସଂଗଠନ ସଭାପତି ସରୋଜ କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଭାସ କୁମାର ନାୟକ ଅଥିତି ପରିଚୟ କରିବା ସହ ତିନିବର୍ଷର ବିବରଣୀ ପାଠ କରିଥିଲେ, ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସମ୍ପାଦକ ଗୋପୀ ବଲ୍ଲଭ ଭୂୟାଁ, ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା, କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ବିକାଶ ପଣ୍ଡା, ବ୍ଲକ୍ ପର୍ଯ୍ୟବେକ୍ଷକ ଅଭିନନ୍ଦନ ମହୁରୀ, ରାସଗୋବିନ୍ଦପୁର ବ୍ଲକ୍ ସମ୍ପାଦକ ବିକର୍ତ୍ତନ୍ ସାହୁ, ବାରିପଦା ବ୍ଲକ୍ ସମ୍ପାଦକ ପ୍ରଦୀପ ମହାନ୍ତ, ଉଦଳା ସମ୍ପାଦକ ଯୋଗେନ୍ଦ୍ର ସାହୁ, ଖୁଣ୍ଟା ସମ୍ପାଦକ ସହଦେବ ବେହେରା, ଜିଲ୍ଲା ଅତିଥିସଭ୍ୟ ସୁଶାନ୍ତ ଗିରି ଓ ଦେବରାଜ ନାୟକ ଉପସ୍ଥିତ ରହି ସମ୍ମିଳନୀର ନୂତନ କର୍ମକର୍ତ୍ତା ଚୟନ କରିବାରେ ସହଯୋଗ କରିଥିଲେ। ଆଗାମୀ ତିନିବର୍ଷ ପାଇଁ ଯେଉଁମାନେ କର୍ମକର୍ତ୍ତା ହେଲେ ସେମାନେ ହେଲେ ବ୍ଲକ୍ ସଭାପତି ହରିଶ ଦାସ, ଉପ ସଭାପତି ଅଞ୍ଜଳି ଦଣ୍ଡପାଟ, ରତିକାନ୍ତ ପରିଡ଼ା, ଦିଲ୍ଲୀପ ମହାନ୍ତ, ବ୍ଲକ୍ ସମ୍ପାଦକ ଡ଼କ୍ଟର ଡ଼ମ୍ବରୁଧର ରାଉତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତ, ପଦ୍ମଲୋଚନ ପଲେଇ, ମଞ୍ଜୁରାଣୀ ବେହେରା ସେହିପରି ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ ଖଣ୍ଡା, ସନ୍ତୋଷ ମୁଖି, ଦେବାନନ୍ଦ ପଣ୍ଡା, ରମେଶ ହାଁସଦା, ଦୀପ୍ତି ବେହେରା ଓ ବିକାଶ ମହନ୍ତ ଏବଂ ରଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ଦୀପକ ରାମ ଓ ପୂର୍ଣ୍ଣଚନ୍ଦ୍ର ସାହୁ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ରୂପେ ପ୍ରାକ୍ତନ ସଭାପତି ସରୋଜ ବେହେରା, ରବିନ ଚନ୍ଦ୍ର ବେରା, ପ୍ରଧାନ ଶିକ୍ଷକ ପ୍ରଣବ ପ୍ରଧାନ , ରାମଦେଇ ଟୁଡ୍ର, ସନ୍ତୋଷ ବେହେରା, ସଞ୍ଜୀବ ମିଶ୍ର, ଅଜିତ ଷଡ଼ଙ୍ଗୀ , ଭଗବାନ ମିଶ୍ର, ଶୃତିରଞ୍ଜନ ଦାସ ମନୋନୀତ ହୋଇଥିଲେ ମହିଳା ଟିଚ୍ଚର ଫେଡେରେସନର ସଭାପତି ରୂପେ ନିଶିପଦ୍ମା ସାମଲ ମନୋନୀତ ହେଇଥିଲେ ସର୍ବଶେଷରେ ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ଜାତୀୟ ସହରାଂଚଳ ଜିବିକା ମିଶନର କାର୍ଯ୍ୟ ସନ୍ତୋଷ ଜନକ : ପ୍ରମିଳା ପଣ୍ଡା



ଉଦଳା , ୭/୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ବିଭିନ୍ନ ୱାର୍ଡ଼ ମାନଙ୍କରେ ମହିଳା ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନ ଗଠନ କରାଯାଇ ମହିଳା ମାନଙ୍କୁ ଆତ୍ମ ନିର୍ଭରଶୀଳ ତଥା ସ୍ୱାବଲମ୍ବି କରିବା ପାଇଁ ବିଭିନ୍ନ ତାଲିମ ତଥା ବ୍ୟାଙ୍କ ମାନଙ୍କରୁ ଋଣ ପ୍ରଦାନ ଇତ୍ୟାଦି ବ୍ୟବସ୍ଥା କରାଯାଇଛି ଏବଂ ସରକାରଙ୍କ ମହିଳା ସଶକ୍ତିକରଣ ଯୋଜନା ଗୁଡ଼ିକର ସଫଳ ରୁପାୟନ ପାଇଁ ପରିଷଦ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଛି ବୋଲି ନଗରପାଳ ପ୍ରମିଳା ପଣ୍ଡା କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଜାତୀୟ ସହରାଂଚଳ ଜୀବିକା ମିଶନ ଯୋଜନା ଅନ୍ତର୍ଗତ ୭୯ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ମିଶନଶକ୍ତି ଗୃପ) ଗଠନ କରାଯାଇଛି । ସେଥିମଧ୍ୟରୁ ୬୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ଋଣ ମଂଜୁର କରାଯାଇଛି ବୋଲି ଜଣାଇଛନ୍ତି ।

# ଶ୍ରୀ ଜଗନ୍ନାଥ କୋଚିଂ ସେଣ୍ଟରରେ ଗୁରୁପୂଜନ ଉତ୍ସବ

କେନ୍ଦ୍ରାପଡ଼ା, ୭/୯ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାନମାଣତିଆ ପଂଚାୟତର ବଡମାଣତିଆସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ କୋଚିଂ ସେଂଟର ସୌଜନ୍ୟତାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ହେମନ୍ତ କୁମାର ଭାରତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ତଥା ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ଯୋଗଦେଇ ପ୍ରାଚୀନ କାଳରୁ ବାରତବର୍ଷରେ ଗୁରୁ-ଶିଷ୍ୟ ସମ୍ପର୍କର ଦୃଷ୍ଟାନ୍ତ ଉପସ୍ଥାପନ କରିବା ସହ ଗୁରୁଙ୍କର ଆଶୀର୍ବାଦ ପାଇଲେ ଜଣେ ଛାତ୍ର ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହେବା ସହ ସମାଜରେ ପ୍ରତିଷ୍ଠିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ତଥା ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ କାଶୀନାଥ ରାଉତରାୟ, ଶିକ୍ଷାବିତ୍ କେଶବ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ଚନ୍ଦ୍ରଭାନୁ ନାଥ, ସାମ୍ବାଦିକ ଦିଲ୍ଲୀପ କୁମାର ଶତପଥୀ, ସମାଜସେବୀ ଅଭିମନ୍ୟୁ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବାପା,ମାଆ ଓ ଗୁରୁଙ୍କର ଆଶୀର୍ବାଦ ପାଇବାକୁ ହେଲେ ନିଜର ଆଚରଣ, ବ୍ୟବହାର ମାର୍ଜିତ କରିବା ସହ କଠିନ ପରିଶ୍ରମ କରିବା ଉଚିତ୍। କୋଚିଂ ସେଂଟର ମାର୍ଗଦର୍ଶକ ସମାଜସେବୀ ବସନ୍ତ କୁମାର ପରିଡା, ପବନୀ କୁମାର ବିଶ୍ୱାଳ, ଖଗେଶ୍ୱର ମିଶ୍ର, ରଘୁନାଥ ପରିଡା, ବାବାଜୀ ଚରଣ ସେଠୀ ପ୍ରମୁଖ ଛାତ୍ର ଅଭିଭାବକମାନେ ଉପସ୍ଥିତ ଗୁରୁମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଷୟରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜେନ୍ଦ୍ର ପ୍ରସାଦ ଗିରି ଧନ୍ୟବାଦ ପ୍ରଦାନ କରିଥିବାବେଳେ ମାନସୀ ରାଉତ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ବିଦ୍ୟାନଗରୀ ନୀଳଗିରିରେ ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜାବିଧି ମହା ସମାରୋହରେ ପାଳିତ




ନୀଳଗିରି, ୭/୯ (ନି.ପ୍ର): ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭ,ନିର୍ବିଘ୍ନ କୁରୁମେ ଦେବୋଃ ସର୍ବ କାର୍ଯ୍ୟେସୁ ସର୍ବଦାଞ୍ଚ। ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଗଣନାଥ ଗଣପତିଙ୍କର ସାମ୍ବତ୍ସରିକ ପୂଜାତ୍ସୋବ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ସମଗ୍ର ଭାରତ ବର୍ଷରେ ମହା ଆଡ଼ମ୍ବରରେ ପାଳିତ ହୋଇଥାଏ। ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟ ଯଥା -ଯଜ୍ଞ, ଗୃହାରମ୍ଭ, ଗୃହପ୍ରତିଷ୍ଠା, ମନ୍ଦିରପ୍ରତିଷ୍ଠା ଏପରିକି ପ୍ରତ୍ୟେକ ଶୁଭକାର୍ଯ୍ୟରେ ଶ୍ରୀ ଗଣେଶଙ୍କ ଆବାହନ ପୂର୍ବକ ପୂଜା ର ଶୁଭାରମ୍ଭ ହୋଇଥାଏ। ତେବେ ଅନେକ ଲୋକକଥା ଏବଂ ପୌରାଣିକ ତଥ୍ୟ ଅନୁଯାଇ ଗଣନାଥ ଅର୍ଥାତ୍ ଲୋକଙ୍କର ନାଥ,ସ୍ୱାମୀ ଭାବରେ ବିଘ୍ନ ବା ବିପଦକୁ ବିନାଶ କରିବାର ଦେବତା ଅଟନ୍ତି ଶ୍ରୀ ଗଣେଶ। ଏଥିପାଇଁତ ହିନ୍ଦୁ ବହୁଳ ଭାରତରେ ଗଣନାଥଙ୍କର ଆରାଧନା ବହୁ ପ୍ରାଚୀନ। ବିଶେଷ କରି ମହାରାଷ୍ଟ୍ରରେ ଏହି ଦେବତାଙ୍କ ପୂଜା ୧୦ଦିନଧରି ମହା ଆଡ଼ମ୍ବରରେ ପାଳିତ ହେଉଥିବା ବେଳେ, ଓଡ଼ିଶାରେ ମଧ ,ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପାଳିତ ହୋଇଥାଏ। ଚଳିତ ବର୍ଷ ବିଦ୍ୟାନଗରୀ ନୀଳଗିରି ଭଳି ଛୋଟିଆ ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା - ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ, ବୈଦିକ ରୀତିନୀତି ଅନୁଯାୟୀ ପୂଜାବିଧି ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ସହରର ପ୍ରମୁଖ ଶିକ୍ଷାନୁଷ୍ଠାନ କୈଳାସ ଚନ୍ଦ୍ର ହାଇସ୍କୁଲ, ବାଲିଗୋହିରୀ ସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ, ନୀଳଗିରି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଆର. କେ. ସି. ଏ. ଟି, ସଂସ୍କୃତ ମହାବିଦ୍ୟାଳୟ ସମେତ, ସହରର ପ୍ରତିଟି ପ୍ରାଥମିକ ବିଦ୍ୟାଳୟ, ଶିଶୁମନ୍ଦିର ଆଦି ଶିକ୍ଷାନୁଷ୍ଠାନ ମାନଙ୍କରେ ଅଗ୍ରପୂଜ୍ୟ ଗଣେଶଙ୍କ ମୃଣ୍ମୟୀ ପ୍ରତିମା ପୂଜା କରାଯାଇଥିବା ପରିଲକ୍ଷିତ ହୋଇଛି। ଏଥିସହିତ ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟ, ସମେତ ସମସ୍ତ ବିଦ୍ୟାଳୟ, କାଂଶ, ଧୋବଶିଳା, ଗୋପିନାଥପୁର, ସଜନାଗଡ, ବରହମପୁର, ଧରମପୁର, ଗୋହିରା, ଛତ୍ରପୁର, ନରଣପୁର, ତେନ୍ତୁଳିଆ, ମାଟିଆଳୀ, ସନ୍ତରାଗଡିଆ, ଶ୍ୟାମସୁନ୍ଦରପୁର ପ୍ରଭୃତି ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଘ୍ନରାଜଙ୍କ ପୂଜନ କରାଯାଇଥିବା ଦେଖିବାକୁ ମିଳିଛି। ଏହାସହିତ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ କ୍ଲବ୍ ମାନଙ୍କ ଦ୍ୱାରା ଆୟୋଜିତ ପୂଜା ପେଣ୍ଡାଲରେ ସୁନ୍ଦର ସାଜସଜ୍ଜା ସହିତ ରଙ୍ଗୀନ ଆଲୋକମାଳାରେ ଏକ ଭକ୍ତିମୟ ପରିବେଶ, ସମଗ୍ର ନୀଳଗିରି ଉପଖଣ୍ଡ ରେ ସୃଷ୍ଟି ହୋଇଥିବା ଦେଖାଯାଇଛି।

# ମାଲକାନଗିରି ଜିଲ୍ଲାରେ ସୁଭଦ୍ରା ରଥର ଶୁଭାରମ୍ଭ

ମାଲକାନଗିରି, ୭/୯ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ରଥକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ନେଇ ଲୋକଙ୍କୁ ସଚେତନ କରିବା ପାଇଁ ସେପ୍ଟେମ୍ବର ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲ୍ଲା ବୁଲିବ। ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବ। ଏହି ରଥ ସଦର ମହକୁମାଠାରୁ ଗାଁ ପର୍ଯ୍ୟନ୍ତ ଚାରିଆଡେ ବୁଲି ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଉପଯୁକ୍ତ ତଥ୍ୟ ପ୍ରଦାନ କରିବ। ସୁଭଦ୍ରା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କେଭା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ଜିଲ୍ଲା ବିତ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ ।

# ମୟୂରଭଞ୍ଜରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ



ବାରିପଦା, ୭/୯ (ନି.ପ୍ର): ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ଯୋଜନା ସୁଭଦ୍ରାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଥିବା ବେଳେ, ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ଓ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୧୩ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚାଲିଥିବା ଆବେଦନର କୌଣସି ଶେଷ ତାରିଖ ନାହିଁ, ସମସ୍ତ ଯୋଗ୍ୟା ମା ଓ ଭଉଣୀ ମାନଙ୍କୁ ଏହି ଯୋଜନାର ଲାଭ ନିଶ୍ଚୟ ମିଳିବ ବୋଲି ମନ୍ତ୍ରୀ ଡ଼. ମହାପାତ୍ର କହିଥିଲେ। ଏହି ସଚେତନତା ରଥ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବ ବୋଲି ଜଣାଯାଇଛି।

# ତାଲା ଭାଙ୍ଗି ଗହଣା ଦୋକାନରେ ପଶିଲେ ବନ୍ଧୁକଧାରୀ: ଜଣେ ଗିରଫ

ରାଉରକେଲା, ୭/୯ (ନି.ପ୍ର): ରାଉରକେଲା ଉଦିତ ନଗରର ଏକ ଗହଣା ଦୋକାନର ତାଲା ଭାଙ୍ଗି ଲୁଟ୍ ଉଦ୍ଦେଶ୍ୟରେ ଗତକାଲି ରାତିରେ ପଶିଥିଲେ ୪ ବନ୍ଧୁକଧାରୀ ଲୁଟେରା । ଘଟଣାରେ ଜଣେ ଡ଼କାୟତକୁ ଧରିଛି ପୋଲିସ । ହେଲେ ଏଥିରେ ଜଡ଼ିତ ଅନ୍ୟ ତିନି ଜଣ ଲୁଟେରା ଫେରାର୍ ହୋଇଯାଇଛନ୍ତି । ସିସିଟିଭିରେ କଏଦ୍ ହୋଇଥିବା ଡ଼କାୟତଙ୍କ ଚିତ୍ର ତଥା ସିସିଟିଭି ଫୁଟେଜ୍ କୁ ଭିତି କରି ତଦନ୍ତ ଚଳାଇଛି ପୋଲିସ । ତେବେ ଦୋକାନରୁ କେତେ ମାତ୍ରାରେ ସୁନା ଗହଣା ଲୁଟ୍ ହୋଇଛି ସେନେଇ କୌଣସି ତଥ୍ୟ ପୋଲିସ ନିକଟରୁ ମିଳିପାରିନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ, ପୂଜାର ମାହୋଲ୍ ସହରରେ ଆରମ୍ଭ ହୋଇଥିବା ବେଳେ ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାର ଅଂଚଳରୁ ଏଭଳି ବହୁ ସଂଖ୍ୟାରେ ଅପରାଧୀ ରାଉରକେଲା ସହରରେ ପ୍ରବେଶ କରି ବିଭିନ୍ନ ବସ୍ତିରେ ଆଶ୍ରୟ ନେଇ ଏଭଳି କାଣ୍ଡ ଘଟାଉଛନ୍ତି । ତେବେ ସହରରେ ରାତ୍ରୀକାଳୀନ ପୋଲିସ ପାଟ୍ରୋଲିଂ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ଏହା ଅପରାଧୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ ପାଳିତ

ବଡ଼ସାହି , ୭/୯ (ନି.ପ୍ର): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ କଲେଜର ପରିଚାଳନା କମିଟିର ସଭାପତି ବିରଞ୍ଚିନାରାୟଣ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦାନ କରି ଆଜିର ସମାଜ ପାଇଁ ଯୁବ ଶକ୍ତିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ । ଯୁବଶକ୍ତି ଜାଗିଲେ ଦେଶର ବିକାଶ ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ବଡ଼ସାହି ବିଧାୟକ ସନାନତନ ବିଜୁଳି, ସମ୍ମାନୀତ ଅତିଥି ଭାବେ କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ । ସର୍ବପ୍ରଥମେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇ ଥିବା ବେଳେ କଲେଜର ପ୍ରତିଷ୍ଠା ପ୍ରମୁଖ ଭୂମିକା ନେଇଥିବା ଦିବଗତ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧାପକ କୃପାସିନ୍ଧୁ ମହାକୁଡ଼ କଲେଜର ଇତିବୃତ୍ତି ସଂପର୍କରେ ଆଲୋକପାତ କରିଥିଲେ। ମଂଚାସିନ ଅତିଥିଗଣ, ତାଙ୍କ ବକ୍ତବ୍ୟ ମାଧ୍ୟମରେ କୋଠର ଅଧ୍ୟବସାୟ, ନିରବଚ୍ଛିନ୍ନ ପ୍ରଚେଷ୍ଟା ଲକ୍ଷସ୍ଥିର କଲେ ସଫଳତା ଅବସମ୍ଭାବି ବୋଲି ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲ । ଉତ୍ସବରେ ୨୦୨୪ ପରିରୀକ୍ଷା ଯୁକ୍ତ ଦୁଇ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଜ୍ୟୋତିରାଣୀ ବେହେରା ଓ ଯୁକ୍ତ ତିନି ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଗାୟତ୍ରୀ ମହାନ୍ତଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇ ଥିଲା । ରାଜନୀତି ବିଜ୍ଞାନର ଅଧ୍ୟାପକ ବିନୋଦ କୁମାର ପରିଡା ମଂଚ୍ ପରିଚାଳନା କରିଥିବା ବେଳେ ପ୍ରାଧାପକ ଡ଼କ୍ଟର ଜୀବନ କୁମାର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ସମସ୍ତ ପ୍ରାଧାପକ, ପ୍ରାଧାପିକା ଓ ଅଧାପକ, ଆଧାପିକା ଏବଂ କର୍ମଚାରୀ ମାନେ ଏଥିରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ।

# ବାଲେଶ୍ୱର ଜିଲ୍ଲାରେ ଗଡିଲା ସୁଭଦ୍ରା ରଥ

## ସୁଭଦ୍ରା ଯୋଜନା ମହିଳାଙ୍କ ପ୍ରତି ଥିବା ସମ୍ମାନ ଓ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାର ପ୍ରମାଣ: ମାନ୍ୟବର ମନ୍ତ୍ରୀ




ବାଲେଶ୍ୱର, ୭/୯ (ନି.ପ୍ର): ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା ସମ୍ପର୍କିତ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ସଭାବନା ସଭାଗୃହଠାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଏବଂ ଯୁବସେବା ବିଭାଗ, ଓଡିଶା ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ସୁଭଦ୍ରା ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ରାଜ୍ୟରେ ମହିଳା ମାନଙ୍କର ଆର୍ଥିକ ସଶକ୍ତିକରଣ ସହ ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭର କରିବା ଦିଗରେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ଯୋଜନା ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ। ୫ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୧୦ ହଜାର ଲେଖାଏ କରି ଏକ କୋଟି ମହିଳାଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । ମହିଳା ମାନଙ୍କ କଲ୍ୟାଣ ଦିଗରେ କାର୍ଯ୍ୟରତ ଏହି ଯୋଜନାକୁ ବ୍ୟାପକ କରିବା ନିମନ୍ତେ ସେ ସମସ୍ତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୁରଜ ଏହି ଯୋଜନା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପ୍ରତି ଥିବା ସମ୍ମାନ ଓ ସେମାନଙ୍କ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାର ପ୍ରମାଣ ବୋଲି କହିଥିଲେ । ଉକ୍ତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ, ବାଲେଶ୍ୱର (ସଦର) ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ ମହିଳାଙ୍କ ଆର୍ଥିକ ଉତ୍ଥାନ ନିମନ୍ତେ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଘରେ ଘରେ ପହଞ୍ଚାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ମାନ୍ୟବର ଅଧକ୍ଷ, ଜିଲ୍ଲା ପରିଷଦ ଶ୍ରୀ ନାରାୟଣ ଚନ୍ଦ୍ର ପ୍ରଧାନ ଓ ମାନନୀୟା ଅଧକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ ମଧ ଅନୁରୂପ ବାର୍ତ୍ତା ସହ ସୁଭଦ୍ରା ଯୋଜନା ମହିଳା ମାନଙ୍କୁ ରୋଜଗାରକ୍ଷମ କରି ଆତ୍ମ ନିର୍ଭର କରିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ନାରାୟଣ ହେମ୍ବ୍ରମ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ଡେପୁଟି କଲେକ୍ଟର ଶ୍ରୀ ପୁରୁଷୋତ୍ତମ ମିଶ୍ର ଓ ଡିପିସି ମମତା ଶ୍ରୀ ବାମଦେବ ପାଣିଗ୍ରାହୀ ସମସ୍ତ ସହଯୋଗ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଏଠାରେ ସୂଚନା ଥାଉ କି, ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୧୨ ଟି ବ୍ଲକ ଓ ୫ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୬ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ସହରର ବୁଦ୍ଧିଜୀବୀ ତଥା ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# କବି, ସାମ୍ବାଦିକ ଓ ସାମାଜିକ କର୍ମୀ ବିରଜା ନାୟକଙ୍କର ପରଲୋକ



ବାଲେଶ୍ୱର, ୭/୯ (ନି.ପ୍ର): କବି, ସାମ୍ବାଦିକ ତଥା ସାମାଜିକ କର୍ମୀ ବିରଜା ପ୍ରସାଦ ନାୟକଙ୍କର ଆଜି ୫ଟା ୧୫ ମିନିଟ୍ ସମୟରେ ପରଲୋକ ହୋଇଯାଇଛି । ତାଙ୍କର ଦୁଇଟି ଯାକ କିଡନି ଅଚଳ ହେବା ପରେ ସେବିଶେଷ ଭାବରେ ଅସୁସ୍ଥ ହୋଇପଡ଼ିବା ସଙ୍ଗେ ସଙ୍ଗେ ମୃତ୍ୟୁ ସହିତ ସଗ୍ରାମ କରୁଥିଲେ । କିଛିମାସ ଧରି ସେ ଡାୟଲିସିସରେ ଥିଲେ । ମୃତ୍ୟ ବେଳକୁ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା । ଛାତ୍ରାବସ୍ଥାରୁ ଜଣେ ଛାତ୍ରନେତା ଭାବରେ ପରିଚିତ ବିରଜା ନାୟକ ଏକଦା ପୂର୍ବତନ ବିଧାୟକ ଅରୁଣ ଦେଙ୍କର ଘନିଷ୍ଠ ସହଯୋଗୀ ଭାବରେ ମଧ ପରିଚିତ ଥିଲେ । ବାଲେଶ୍ୱର ଷ୍ଟେସନ୍ ଛକ ଅଞ୍ଚଳରେ ଥିବା ମାର୍କେଟ୍ କଂପ୍ଲେକ୍ସ ନିର୍ମାଣ ଓ ଉଠାଦୋକାନୀମାନଙ୍କୁ ଥଇଥାନ କରିବାରେ ତାଙ୍କ ବିଶେଷ ଭୂମିକା ଥିଲା । ଓଟିରୋଡ୍ ମାର୍କେଟ କଂପ୍ଲେକ୍ସ ବ୍ୟବସାୟୀ ସଙ୍ଘର ସାଧାରଣ ସଂପାଦକ ଭାବରେ ସେ ଅଦ୍ୟାବଧି ଦୋକାନୀମାନଙ୍କର ସ୍ୱାର୍ଥପାଇଁ ଲଢ଼ି ଆସୁଥିଲେ । ଏଥି ସହିତ 'ଦି ଟେଲିଗ୍ରାଫ୍'ର ବାଲେଶ୍ୱର ପ୍ରତିନିଧି ତଥା ସ୍ୱପ୍ରତିଷ୍ଠିତ '୨୪୭' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ମଧ ସେ ସମ୍ପାଦନା କରୁଥିଲେ । ଜଣେ କବି ତଥା ସାରସ୍ୱତ ସଂଗଠକ ଭାବରେ ମଧ ସେ ବେଶ୍ ପରିଚୟ ପ୍ରତିଷ୍ଠା କରିଥିଲେ । ବାରିପଦାରେ କିଛିକାଳ ଅବସ୍ଥାନ କରୁଥିଲା ସମୟରେ 'ଆମେ ମଣିଷ' ଏବଂ 'ୱେଲନେସ୍ ସେଣ୍ଟର' ଭଳି କେତେକ ଅନୁଷ୍ଠାନ ମାଧ୍ୟମରେ ସମାଜସେବା କାର୍ଯ୍ୟ କରି ଆସୁଥିଲେ । ଗତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଠାରେ 'ଫେରିଆସ ପକ୍ଷୀ' ନାମରେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରି ସେ ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ଭିନ୍ନ 'ୱାଇଡ୍ ଏଙ୍ଗେଲ୍' ନାମରେ ଆଡ଼ଭାଟାଇଜିଂ ଏବଂ ପ୍ଲେସମେଣ୍ଟ ଏଜେନ୍ସି ପ୍ରତିଷ୍ଠା କରି ବାଲେଶ୍ୱର ଓ ମୟୂରଭଞ୍ଜ ଅଞ୍ଚଳର ବହୁ ଲୋକଙ୍କୁ ଚାକିରୀ ଦେବାରେ ସହଯୋଗ କରିଥିଲେ । ତାଙ୍କର ପରଲୋକରେ ବାଲେଶ୍ୱର ଏବଂ ମୟୂରଭଞ୍ଜରେ ବହୁଲୋକ ଶୋକାଭିଭୂତ ହେବା ସଙ୍ଗେସଙ୍ଗେ ତାଙ୍କୁ ଶେଷ ଦର୍ଶନ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଦୁଇ ବାଇକ ମୁହାଁମୁହିଁ ଦୁର୍ଘଟଣାରେ ଦୁଇ ଚାଳକ ଗୁରୁତର

ନୀଳଗିରି, ୭/୯ (ନି.ପ୍ର): ଆଜି ସନ୍ଧ୍ୟା ୬ ଘଟିକା ସମୟରେ ଦୁଇ ମଟର ସାଇକେଲ ମୁହାଁମୁହିଁ ଧକ୍କା ହେବାରୁ ଦୁର୍ଘଟଣା ଘଟି ଦୁଇ ଗାଡ଼ି ଚାଳକ ଗୁରୁତର ହୋଇ ଥିବା ବେଳେ ଲୋକଙ୍କ ସହାୟତା ରେ ପ୍ରଥମେ ନୀଳଗିରି ଡାକ୍ତର ଖାନା ରେ ଆସୁ ଚିକିତ୍ସା କରାଯାଇ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ରୁ ପ୍ରକାଶ ନୀଳଗିରି ଥାନା ଅଧିନ ସିମୁଳିଆ ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ, ସଜନାଗଡ଼ ଅଞ୍ଚଳରେ କାମ ସାରି ଓଡି଼ ୧ଏ ଆର୍ ୦୩୭୩ବିଶିଷ୍ଟ ଏକ ହୋଣ୍ଡା ସିବି ସାଇନ ମଟର ସାଇକେଲ ଯୋଗେ ଆମ୍ବାଡିହା ଗ୍ରାମର କଟିଆ ସିଂ ଙ୍କ ପୁଅ ଅମୁଲ୍ୟ ସିଂ (୩୫) ଘରକୁ ଯାଉଥିଲା । ସିମୁଳିଆ ଛକ ନିକଟରେ ଅମୁଲ୍ୟ ଭାରସାମ୍ୟ ହରାଇ ଅପର ପାର୍ଶ୍ୱ ରୁ ଆସୁଥିବା ଏକ ବୁଲେଟ ଗାଡ଼ିକୁ ଧକ୍କା ଦେଇଥିଲା । ଏଥିରେ ବୁଲେଟ ଚାଳକ ବାଲେଶ୍ୱର ଅଞ୍ଚଳର ଅଲେଖ ବେହେରାଙ୍କ ପୁଅ ଔଷଧ ବେହେରା ଗୁରୁତର ହେବା ସହିତ ତାଙ୍କ ମୁହଁ, ମୁଣ୍ଡ, ଆଖି ରେ ଗଭୀର ଆଘାତ ଲାଗି ରକ୍ତ ଶ୍ରାବ ହୋଇଥିବା ବେଳେ ଅମୁଲ୍ୟର ଡାହାଣ ଗୋଡ଼, ଡାହାଣ ହାତ ଭାଙ୍ଗି ଯାଇଥିଲା । ଦୁର୍ଘଟଣା ପରେ ନୀଳଗିରି ପୋଲିସ ହୋଣ୍ଡା ବାଇକ କୁ ନିଜ ହେପାଜାତ କୁ ଆଣିଥିବା ବେଳେ ବୁଲେଟ ଗାଡ଼ି ର ସନ୍ଧାନ ମିଳିପାରି ନାହିଁ ।

# ସୁଭଦ୍ରା ପଞ୍ଜିକରଣ ତଦାରଖ ପାଇଁ ମୋ ସେବା କେନ୍ଦ୍ରକୁ ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ



ଭଦ୍ରକ, ୭/୯ (ନି.ପ୍ର): ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ନେଇ ଭଦ୍ରକ ଜିଲ୍ଲାପ୍ରଶାସନର ପୂର୍ବ ପ୍ରସ୍ତୁତି ଓ ସଜାଗ ଅନୁଯାୟୀ ମାଗଣାରେ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କ ଜରିଆରେ ଫର୍ମ ବିତରଣ ଚିହ୍ନଟ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଜରିଆରେ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି । ଏ କାର୍ଯ୍ୟ କେତେଦୂର ଠିକ୍ ଚାଲିଛି ପରୀକ୍ଷା କରିବା ପାଇଁ ଜିଲ୍ଲାପାଳ ଦିଲୀପ୍ ରାଉତରାଏ ହଠାତ୍ ରାନ୍ଦିଆସ୍ଥିତ ଆଦର୍ଶ ସୁଭଦ୍ରା କେନ୍ଦ୍ର , ମୋ ସେବା କେନ୍ଦ୍ର, ରାନ୍ଦିଆକୁ ଅଚାନକ ପରିଦର୍ଶନରେ ଯାଇ ସତ୍ୟାସତ୍ୟ ପରିକ୍ଷା କରିଥିଲେ । ସୁଭଦ୍ରାର ଜିଲ୍ଲା ନୋଡ଼ାଲ ଅଧିକାରୀ ସି.ଡ଼ି.ଓ. ସରୋଜ କୁମାର ଦତ୍ତ, ବିଭାଗୀୟ ଅଧିକାରୀ ଡ଼ି.ଏସ୍.ଡ଼ବ୍ଲ୍ୟୁ.ଓ. ପୁଷ୍ପଲତା ପାତ୍ର, ସୁଭଦ୍ରା ଆଇ.ଇ.ସି. ନୋଡ଼ାଲ ଅଧିକାରୀ ଡ଼ି.ଆଇ.ପି.ଆର.ଓ. ରମେଶ ଚନ୍ଦ୍ର ନାୟକ, ଇ ପ୍ରଶାସନ ପରିଚାଳକ ବିଜୟାନନ୍ଦ କର ପ୍ରମୁଖ ଜିଲ୍ଲାପାଳଙ୍କ ଏହି ଗସ୍ତରେ ସାମିଲ ଥିଲେ । ଜିଲ୍ଲାପାଳ ସେଠାରେ ପହଞ୍ଚି କେନ୍ଦ୍ରରେ ଧାଡ଼ିରେ ଛିଡ଼ା ହୋଇ ମହିଳାମାନେ ଶୃଙ୍ଖଳାର ସହିତ ପଞ୍ଜିକରଣ କାର୍ଯ୍ୟ କରୁଥିବା ଦେଖିଥିଲେ । ମହିଳାମାନେ ସୁଭଦ୍ରା ଯୋଜନା ପାଇଁ ଫର୍ମ ପାଇବା, ପଞ୍ଜିକରଣ କରିବାରେ ପଇସା ଖର୍ଚ୍ଚ କରୁଛନ୍ତି କି? କେହି ତାଙ୍କୁ ଏହି କାର୍ଯ୍ୟ ପାଇଁ ହଇରାଣ କରୁଛନ୍ତି କି ? କେଉଁମାନେ ସୁଭଦ୍ରା ଯୋଜନା ପାଇଁ ଯୋଗ୍ୟ ? ସୁଭଦ୍ରା ପାଇଁ ଆବେଦନ କରିବାର ଶେଷ ତାରିଖ ଅଛିକି ? ସେପ୍ଟେମ୍ବର ୧୭ ପରେ ଆବେଦନ କରି ହେବ ନା ନାହିଁ ? ଏହି ଯୋଜନାରେ ତାଙ୍କୁ କେତେ ଅର୍ଥ ମିଳିବ, ପଞ୍ଜିକରଣ ପରେ ଫର୍ମ ଗ୍ରହଣ ବାବଦ ସ୍ୱୀକୃତି ପତ୍ର ସେମାନଙ୍କୁ ମିଳୁଛି ନା ନାହିଁ ଆଦି ବାବଦରେ ସେମାନଙ୍କୁ ପ୍ରଶ୍ନ ପଚାରିବା ସହିତ ସେମାନଙ୍କ ସହ ବାର୍ତ୍ତାଳାପ ଜରିଆରେ ସୁଭଦ୍ରା ସମ୍ବନ୍ଧୀୟ ସଚେତନତାର ବିଷୟ ପ୍ରକାଶ କରିଥିଲେ । କେନ୍ଦ୍ରରେ ପଞ୍ଜିକରଣ କାର୍ଯ୍ୟକୁ ମଧ ତନଖି କରିଥିଲେ । ସରଭର ଧିମା ଯୋଗୁଁ ପଞ୍ଜିକରଣ ସଂଖ୍ୟା ବୃଦ୍ଧି ହୋଇପାରୁନଥିବା ସମସ୍ୟା ସମ୍ବନ୍ଧରେ ମଧ ଅବଗତ ହୋଇଥିଲେ । ଏହା ପରେ ପରେ ସି.ଡ଼ି.ଓ. ଶ୍ରୀଯୁକ୍ତ ଦତ୍ତ ନଲାଙ୍ଗ ଠାରେ ଅବସ୍ଥିତ ୧ଟି ମୋ ସେବା କେନ୍ଦ୍ର ଓ ୧ଟି ଜନସେବା କେନ୍ଦ୍ରକୁ ପରିଦର୍ଶନରେ ଯାଇ ପଞ୍ଜିକରଣ କାର୍ଯ୍ୟ ପରୀକ୍ଷା କରିଥିଲେ ।

# ନୂଆଁଖାଇ ପାଇଁ ସେପଟ୍ମ୍ବର ୯ରେ ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର, ୭/୯ (ନି.ପ୍ର): ନୂଆଁଖାଇ ପାଇଁ ସେପଟ୍ମ୍ବର ୯ରେ ବନ୍ଦ ରହିବ ବ୍ୟାଙ୍କ । ନୂଆଁଖାଇ ପର୍ବକୁ ଦୃଷ୍ଟିରେ ରଖି ସେପଟ୍ମ୍ବର ୯ ତାରିଖରେ ବ୍ୟାଙ୍କଗୁଡିକ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ, ସାରା ରାଜ୍ୟର ସମସ୍ତ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ସେପଟ୍ମ୍ବର ୯ରେ ବନ୍ଦ ରହିବ । ଏଥର ନୂଆଁଖାଇ ପର୍ବ ରବିବାର ପଡୁଛୁ, କିନ୍ତୁ ରାଜ୍ୟ ସରକାର ସେପଟ୍ମ୍ବର ୯କୁ ଛୁଟି ଘୋଷଣା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଏହା ପୂର୍ବରୁ ରାଜ୍ୟ ସରକାର ନୂଆଁଖାଇ ପାଇଁ ସେପଟ୍ମ୍ବର ୯ରେ ପୂରା ରାଜ୍ୟର ସମସ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ ।

# ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ

ଖୋର୍ଦ୍ଧା, ୭/୯ (ନି.ପ୍ର): ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ,ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରୁ ସକାଳ ୧୧ ଘଟିକା ସମୟରେ ୩ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ୬ ଗେଟି ବ୍ଲକ୍ ଏହି ୩ଟି ରଥ ପରିକ୍ରମା କରିବ। ପରିକ୍ରମା ସମୟରେ ସୁଭଦ୍ରା ସଚେତନତା ସଂଗୀତ ଗାନ ପ୍ରଚାର କରିବ । ପ୍ରତି ୨ଗୋଟି ବ୍ଲକ୍ କୁ ୧ଟି ରଥ ଉଦ୍ଦିଷ୍ଟ ରହିଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ଜୟଦେବ, ନବକିଶୋର ମଲିକ/ ମାନ୍ୟବର ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦେବ/ମାନ୍ୟବର ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ / ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂହ/ ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି / ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି, ରଶ୍ମି ରଂଜନ ମହାପାତ୍ର/ ଜିଲ୍ଲାପାଳ, ଖୋର୍ଦ୍ଧା, ଚଞ୍ଚଳ ରାଣା/ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ/ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା/ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ,କସ୍ତୁରୀ ୍ଳା ଜେନା/ ଉପ-ଜିଲ୍ଲାପାଳ ଖୋର୍ଦ୍ଧା ଦିପ୍ତି ରଞ୍ଜନ ସେଠି/ ତହସିଲଦାର /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ ପ୍ରହରାଜ /ସ୍ୱୟଂ ସହାୟକ ମହିଳା/ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ /ଜିଲ୍ଲା ର ବିଭିନ୍ନ ପଦାଧିକାରୀ /ବ୍ଲକ୍ ଫେଡେରାଲ ପ୍ରେସିଡେଣ୍ଟ / ସେକ୍ରେଟାରୀ/ ଜନ ସାଧାରଣ ପ୍ରମୁଖ ଯୋଗ ଦେଇଥିଲେ ।

# କପ୍ତିପଦାରେ ଗଣେଶ ପୂଜା



କପ୍ତିପଦା, ୭/୯ (ନି.ପ୍ର): କପ୍ତିପଦା ଠାରେ ମହାଆଡମ୍ବରରେ ଗଣେଶ ପୂଜା ପାଳିତ ହୋଇଛି। ଭକ୍ତିମୟ ପରିବେଶ ମଧ୍ୟରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଗଣନାଥଙ୍କର ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ନୂଆସାହିସ୍ଥିତ ଗଣେଶ ଫାର୍ମରେ ଅନୁଷ୍ଠିତ ଗଜାନନଙ୍କ ପୂଜା ବେଶ୍ ଉତ୍ସାହପୂର୍ଣ୍ଣ ଥିଲା । ଏଠାକାର ବାବା ଗଣେଶଙ୍କ ମୂର୍ତ୍ତୀ ଜୀବନ୍ତ ମନେ ହେଉଥିଲେ । ଫଳରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଏଠାରେ ଲାଗି ରହିଥିଲା।

# ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୭/୯ (ନି.ପ୍ର): ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବାଲିଆପାଳ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭାଗୃହ ପରିସରରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପୃଥିବୀର ସର୍ବ ବୃହତ ରାଜନୈତିକ ପାର୍ଟି ହେଉଛି ବିଜେପି। ଯିଏକି କାର୍ଯ୍ୟକର୍ତ୍ତା ଆଧାରିତ ଦଳ ହେଉଛି ବିଜେପି। ପ୍ରତି ତିନି ବର୍ଷକୁ ଥରେ ସାଂଗଠନିକ ନିର୍ବାଚନ ହେବା ସହିତ ପ୍ରତି ୬ ବର୍ଷରେ ନୂତନ ସଦସ୍ୟତା ଅଭିଯାନ ଚାଲିଥାଏ ।ତେଣୁ ଏହି ଦଳରେ ସବୁ ସ୍ତରର ଲୋକଙ୍କୁ ଯୋଡିବା ପାଇଁ ପ୍ରଥମ କାର୍ଯ୍ୟ ହେଉଛି ସଦସ୍ୟତା। ଅସମ୍ବର କର୍ମୀ ମାନେ ଆପ୍ରାଣ ଉଦ୍ୟମ କରି ଅଧିକରୁ ଅଧିକ ଲୋକଙ୍କୁ ସଦସ୍ୟତା କରିପାରିବେ ସେ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୋଲିନ ପ୍ରଧାଣ, ରାଜ୍ୟ ସଂଯୋଜକ କୌଶିକ ଚାନ୍ଦ,ରାଜ୍ୟ ମିଡିଆ ସଂଯୋଜକ ବିକାଶ ପାଢ଼ୀ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୈରାଗୀ ବେହେରା, ଶଙ୍କର୍ଷଣ ଜେନା,ପିଣ୍ଟୁ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର ପୂର୍ବତନ ବ୍ଲକ ସଭାପତି ରବୀନ୍ଦ୍ର ଦତ୍ତ,ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ, ସାଧାରଣ ସମ୍ପାଦକ କ୍ଷିତିସ କୁମାର ଜେନା, ପ୍ରଦୀପ ସି, ଉତ୍ତମ ପିଳା, ସୁବାସ ସି, ନୀଳକଣ୍ଠ ଜେନା, ସୁଧୀର ଜେନା, ରୁଦ୍ର ଦାସ ପ୍ରମୁଖ ବିଜେପି ନେତୃ ମଣ୍ଡଳୀ ଉପସ୍ଥିତ ରହି କିପରି ବାଲିଆପାଳ ବ୍ଲକର ସମସ୍ତ ଗ୍ରାମ, ସାହି,ପଡା ଇତ୍ୟାଦିରେ ଅଧିକରୁ ଅଧିକ ଲୋକଙ୍କୁ ବିଜେପିର ମେମ୍ବର କରାଯାଇ ପାରିବ ସେ ଦିଗରେ ମତବ୍ୟକ୍ତକରିଥିଲେ ।ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଅଦୈତ୍ୟ ବାଗ ଧନ୍ୟବାଦ ଦେଇଥିଲେ।

# ଖଇରାର ବିଭିନ୍ନ ସ୍ଥାନରେ ଗଜାନନଙ୍କୁ ଆରାଧନା



ଖଇରା, ୭/୯ (ନି.ପ୍ର): ବାଲେଶ୍ୱର ଖଇରା ବ୍ଲକର ପୁରପଲ୍ଲୀରେ ସିଦ୍ଧିଦାତା ଙ୍କ ପୁଜାର୍ଚ୍ଚନା ଆଡମ୍ବରରେ ଅନୁଷ୍ଠିତ ହୋଇ ଯାଇଛି । ପିଲା ମାନେ ସକାଳେ ନୁତନ ବସ୍ତ୍ର ପରିଧାନ କରି ବିଦ୍ୟାଳୟକୁ ଯିବା ପରେ ଘଟୋତ୍ତଳନ କରାଯାଇଥିଲା । ଛାତ୍ରୀଛାତ୍ର ମାନେ ଆରାଧନା କରିବା ସହ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଖଇରା ଦୁର୍ଗାମଣ୍ଡପ ଠାରେ ଲିଜେଣ୍ଡ ଲାୟନ୍ସ କ୍ଲବ ପକ୍ଷରୁ ଆୟୋଜିତ ପୁଜାରେ ଚିନ୍ମୟ ନାୟକ ଓ ଅଶୋକ ନାୟକ କଳସ ଆଣିଥିଲେ ସଭାପତି ବିସ୍ମୟ ନାୟକ ଓ ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀଙ୍କ ଦ୍ୱାରା ପୁଜା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍ଣ ହୋଇଥିଲା । ଶ୍ରୀ ଗଣେଷ ପୂଜା କମିଟି ଦ୍ୱାରା ଜାକଜମକରେ ପୂଜା ଆରମ୍ଭ ହୋଇଥିବା ବେଳେ ଚିରଞ୍ଜିବୀ ଆଶିଷ କୁମାର ବାରିକ,ଜ୍ୟୋତିରଞ୍ଜନ ମହାପାତ୍ର ଓ ସରୋଜ କୁଅଁର,ସୁରେଶ ସାହୁଙ୍କ ଦ୍ୱାରା କଳସ ଅଣାଯାଇଥିଲା ଆଦିକନ୍ଦ ପଣ୍ଡା ଓ ଟିକିନା ପତ୍ରୀଙ୍କ ଦ୍ୱାରା ଗଣେଷଙ୍କ ଆରାଧନା କରାଯାଇଥିଲା । ଖଇରା ୱାରିଅର୍ସ କ୍ଲବ ଆନୁକୂଲ୍ୟରେ ପରୁଷୋତ୍ତମପୁର ଠାରେ ଆୟୋଜିତ ବିଘ୍ନ ବିନାସକଙ୍କ ପୁଜା ପାରମ୍ପରିକ ରିତିନିତୀରେ ଆରମ୍ଭ ହୋଇଥିବା ବେଳେ ସଭାପତି ସତ୍ୟପ୍ରକାଶ ପାତ୍ର,ସମ୍ପାଦକ କାର୍ତ୍ତୀକ ସାହୁ, ସଭ୍ୟ ରୁଦ୍ର ମହାରଣା, ଶୁଭମ ତ୍ରୀପାଠୀ, ଶିବଶଙ୍କର ପଣ୍ଡା,ସାଇ ସତ୍ୟଜିତ ବେହେରା, ଓମ ସାହୁ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହେଉଛି । ସେହିଭଳି ଖଇରା ସାର୍ବଜନୀନ ପୁଜା କମିଟି ଆନୁକୂଲ୍ୟରେ ଲମ୍ବୋଦରଙ୍କୁ ଆରାଧନା କରାଯାଉଥିବା ବେଳେ ଚନ୍ଦ୍ରଶେଖର ବିଶ୍ୱାଳ, ଚନ୍ଦନ ସାହୁ, ହେମନ୍ତ ମୁଖି, ବିଜୟ ବିଶ୍ୱାଳ, ମହେଶ ଗୁପ୍ତା, ଅଶୋକ ଗୁପ୍ତା, ଶୁଭମ ବିଶ୍ୱାଳ, ମୋତି ରଞ୍ଜନ ବାରିକ ପ୍ରମୁଖ ସମ୍ପୁର୍ଣ୍ଣ ସହଯୋଗ କରୁଥିବା ଜଣାଯାଇଛି । ବିଜେଡି ନେତା ଶଶିକୁମାର ସାହୁ,ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି କମିଟି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo